ବର୍ଷ-୨୬, ସଂଖ୍ୟା-୯୩
ଭୁବନେଶ୍ୱର
୦୬, ଏପ୍ରିଲ ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No.93
Bhubaneswar
06 April, 2026 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ନିଜ ଜିଦ୍ ପାଇଁ ବଦଳିଗଲା ରୁପାଲିଙ୍କ ଭାଗ୍ୟ



## ୫ କେଜି ସିଲିଣ୍ଡର ବିକ୍ରିରେ କଟକଣା

ଭୁବନେଶ୍ୱର,୫।୪(ମହାଭାରତ): ରାଜ୍ୟରେ ରାନ୍ଧଣା ଗ୍ୟାସକୁ ନେଇ ବଡ଼ ନିଷ୍ପତ୍ତି ନେଲେ ସରକାର। ଏଣିକି ଖୋଲା ବଜାରରେ ଏଲ୍‌ପିଜି ଗ୍ୟାସ ବିକ୍ରି ଉପରେ କଡ଼ା ନିୟମ ଲାଗୁ ହେବ। ସହିତ, ୫ କେଜି ସିଲିଣ୍ଡରରେ ଗ୍ୟାସ ଭର୍ତ୍ତି ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ଗ୍ୟାସର କଳାବଜାରିକୁ ରୋକିବା ଓ ସାଧାରଣ ଲୋକଙ୍କୁ ସୁବିଧା ଦେବା ଲକ୍ଷ୍ୟରେ ଏହି ବଡ଼ ପଦକ୍ଷେପ ନିଆଯାଇଛି।



ଏହି ସମ୍ପର୍କରେ ସୂଚନା ଦେଇ ଖାଦ୍ୟ ଯୋଗାଣ ଓ ଉପଭୋକ୍ତା କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ମଧ୍ୟ ପୂର୍ବରେ ଚାଲୁଥିବା ଯୁଦ୍ଧ ପରିସ୍ଥିତି ଦ୍ୱାରା ଗ୍ୟାସ ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହୋଇଛି। ଏହାର ପରିଣାମରେ ଖୋଲା ବଜାରରେ ଏଲ୍‌ପିଜି ଦାମ ହଠାତ୍ ବଢ଼ିଯାଇଛି ଏବଂ ସାଧାରଣ ଲୋକଙ୍କ ପାଇଁ ଗ୍ୟାସ କିଣିବା କଷ୍ଟକର ହୋଇପଡ଼ିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଖୋଲା ବଜାରରେ ଗ୍ୟାସ ବିକ୍ରିକୁ ନିଷେଧ କରିଛି। ଏଣିକି କେବଳ ଅଧିକୃତ ଗ୍ୟାସ ଏଜେନ୍ସି ମାଧ୍ୟମରେ ନିଜ ନାମରେ ରଜିଷ୍ଟର ଥିବା ଏଲ୍‌ପିଜି କନେକ୍ସନ୍ ଥିବା ଗ୍ରାହକମାନେ ଗ୍ୟାସ ସିଲିଣ୍ଡର ପାଇପାରିବେ। ଏଥି ସହିତ, ସମସ୍ତ ଗ୍ୟାସ ଲେନଦେନ ପାଇଁ ଇ-କୱାଇସି ଅନିବାର୍ଯ୍ୟ କରାଯାଇଛି, ଯାହା ଦ୍ୱାରା ପ୍ରତ୍ୟେକ ଗ୍ରାହକଙ୍କ ସଠିକ୍ ପରିଚୟ ନିଶ୍ଚିତ ହେବ।

ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟରେ କୌଣସି ଗ୍ୟାସ କିମ୍ବା ପେଟ୍ରୋଲ୍ ଅଭାବ ନାହିଁ ଓ କଳାବଜାରି ମଧ୍ୟ ହୋଇନାହିଁ। ଘରୋଇ ଉପଭୋକ୍ତାଙ୍କ ପାଇଁ ପ୍ରଯ୍ୟାପ୍ତ ଏଲ୍‌ପିଜି ମହଜୁଦ ରହିଛି ଏବଂ ସାଧାରଣ ଯୋଗାଣ ଜାରି ରହିବ।

ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ସବସିଡି ଗ୍ୟାସ ସଠିକ୍ ହକଦାରଙ୍କ ପହଞ୍ଚିବା ସୁନିଶ୍ଚିତ ହେବ ବୋଲି କୁହାଯାଉଛି।

ସେହିପରି, ଆଗାମୀ ଦିନରେ ସିଲିଣ୍ଡର ଉପରୁ ନିର୍ଭରଶୀଳତା କମାଇବା ପାଇଁ ସରକାର ନଗର ଅଞ୍ଚଳଗୁଡ଼ିକରେ (ପିଏନଜି) ବ୍ୟବସ୍ଥାକୁ ତ୍ୱରାନ୍ୱିତ କରୁଛନ୍ତି।

ଗୋଟିଏ ପଟେ ଗ୍ୟାସ ସଙ୍କଟ ଦେଖା ଦେଇଥିବା ବେଳେ ଅନ୍ୟ ପଟରେ ଏହାର କଳାବଜାରୀ ରୋକିବାକୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏହି କ୍ରମରେ ଢେଙ୍କାନାଳ ଓ ଯାଜପୁରରୁ ଆଜି ୧୩୨ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଜବତ କରାଯାଇଛି।

ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ବିକ୍ରି କରାଯାଉଥିବା ଖବର ପାଇ ଢେଙ୍କାନାଳ ସହରର ଶାସନ ଛକ ନିକଟରେ ଥିବା 'ସୀତାରାମ' ନାମକ ଏକ ଗ୍ୟାସ ଦୋକାନରେ ଚଢ଼ାଉ କରିଥିଲା ଯୋଗାଣ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଏନଫୋର୍ସମେଣ୍ଟ ଟିମ୍। ଚଢ଼ାଉ ସମୟରେ ଏହି ଦୋକାନରୁ ୨୭ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ସେଥିରୁ ୩ଟି କମର୍ସିଆଲ ଟାଙ୍କି ଥିବା ବେଳେ ବାକି ୨୪ଟି ଘରୋଇ ଟାଙ୍କି ବୋଲି ଜଣାପଡିଛି। ଆଗାମୀ ଦିନରେ ମଧ୍ୟ ଏଭଳି ଗ୍ୟାସ କଳାବଜାରୀ କରୁଥିବା ଲୋକମାନଙ୍କୁ ଧରାଯାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲ୍ଲାପାଳ କହିଛନ୍ତି।

## ପୂର୍ବତଟ ରେଳବାଇର ରାଜସ୍ୱ ପ୍ରଭାବିତ ହେବାର ସମ୍ଭାବନା ନାହିଁ

ଭୁବନେଶ୍ୱର,୫।୪(ମହାଭାରତ): ନବ ଗଠିତ ଦକ୍ଷିଣ ତଟ ଜୋନରେ କେତେକ ଷ୍ଟେସନ ସାମିଲ ନେଇ ଯେଉଁ ଚିନ୍ତା ପ୍ରକଟ କରାଯାଉଛି ଭାରତୀୟ ରେଳବାଇ ଆଜି ତାହା ଉପରେ ସ୍ପଷ୍ଟିକରଣ ରଖିଛି । ରେଳବାଇ ପକ୍ଷରୁ କୁହାଯାଇଛି ଯେ ପଲାସା-ଇଚ୍ଛାପୁରମ୍ ସେକ୍ସନ (୫୦ କିଲୋମିଟର) ରେ ୭ଟି ଷ୍ଟେସନ ଯଥା ପଲାସା, ସୁମାଦେବୀ, ମାଣ୍ଡାସା ରୋଡ୍, ବାରୁଭା, ସୋମପେଟା, ଝାଡୁପୁଡି ଏବଂ ଇଚ୍ଛାପୁରମ୍ ରହିଛି। ଏହି ସମସ୍ତ ଷ୍ଟେସନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ। ଏହି ଷ୍ଟେସନଗୁଡ଼ିକ ମଧ୍ୟରୁ କୌଣସିଟି ହେଲେ ଓଡ଼ିଶା ମଧ୍ୟରେ ଅବସ୍ଥିତ ନୁହେଁ। ଏହି ଷ୍ଟେସନଗୁଡ଼ିକ ଛୋଟରୁ ମଧ୍ୟମ ଆକାରର ଷ୍ଟେସନ ଯାହା ମୁଖ୍ୟତଃ ଯାତ୍ରୀ ପରିଚାଳନା କରିଥାଏ। ଏଥି ମଧ୍ୟରୁ କୌଣସିଟି ଏକ ପ୍ରମୁଖ ମାଲ ପରିବହନ ଷ୍ଟେସନ ନୁହେଁ। ତେଣୁ, ପୂର୍ବତଟ ରେଳବାଇର ରାଜସ୍ୱ ପ୍ରଭାବିତ ହେବାର ସମ୍ଭାବନା ନାହିଁ ।



ଷ୍ଟେସନଗୁଡ଼ିକ ଯେଉଁ ଜୋନ୍ ଅଧିନରେ ଆସିଲେ ବି ସେହିସବୁ ଷ୍ଟେସନରେ ମାଲ ପରିବହନ ନିରବଚ୍ଛିନ୍ନ ଭାବରେ ଜାରି ରହିବ। ସମସ୍ତ ସୀମାରେଖା ମଧ୍ୟରେ ରେଳ ଚଳାଚଳ ନିରବଚ୍ଛିନ୍ନ ଜାରି ରହିବ । ରେଳ ସେବାରେ କୌଣସି ବ୍ୟାଘାତ ଉପୁଜିବ ନାହିଁ। ପଲାସା-ଭୁବନେଶ୍ୱର, ପଲାସା-କଟକ ଏବଂ ଇଚ୍ଛାପୁରମ-କଟକ ମେମୁ/ଯାତ୍ରୀବାହୀ ସେବା ସମେତ ସମସ୍ତ ବର୍ତ୍ତମାନ ଚଳାଚଳ କରୁଥିବା ସମସ୍ତ ଟ୍ରେନର କାର୍ଯ୍ୟସୂଚୀ, ମାର୍ଗ କିମ୍ବା ଯାତାୟତ କୌଣସି ପରିବର୍ତ୍ତନ ବିନା ଜାରି ରହିବ । ବିଶାଖାପାଟନମ୍ ଡିଭିଜନରେ ଯାତ୍ରୀ ସେବାଗୁଡ଼ିକର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଏହା ଏକ ବୈଷୟିକ ସଂଶୋଧନ। ପୂର୍ବ ତଟ ରେଳବାଇ ଏବଂ ଦକ୍ଷିଣ ତଟ ରେଳବାଇ ମଧ୍ୟରେ କର୍ମଚାରୀ ନିଯୋଜନ ସମେତ ସ୍ଥାନାନ୍ତରଣର ପଦ୍ଧତିକୁ ଚୂଡ଼ାନ୍ତ ରୂପ ଦିଆଯାଉଛି। ସମସ୍ତ ରେଳ କର୍ମଚାରୀଙ୍କ ସ୍ୱାର୍ଥ ଏବଂ ସେବା ସର୍ତ୍ତାବଳୀ ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। ଓଡ଼ିଶା ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତା ଅତୁଟ ରହିଛି। ଓଡ଼ିଶାରେ ରେଳ ନେଟୱାର୍କ ସମ୍ପ୍ରସାରଣ, ଷ୍ଟେସନ ଆଧୁନିକୀକରଣ, ବନ୍ଦେ ଭାରତ ସେବା ଏବଂ ପୂର୍ବତଟ ରେଳବାଇ ଅଧୀନରେ ନବଗଠିତ ରାୟଗଡା ଡିଭିଜନ ଆଦିରେ ରେକର୍ଡ ପୁଞ୍ଜି ବ୍ୟୟ ଏହି ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ଏଣିକି ମାସକୁ ମିଳିବ ୧୦ କେଜି ଚାଉଳ



ଭୁବନେଶ୍ୱର, ୫।୪(ମହାଭାରତ): ଏଣିକି ମାସକୁ ୫ କେଜି ବଦଳରେ ମିଳିବ ୧୦ କେଜି ଚାଉଳ । ମୋଦି ଦେବେ ୫ କେଜି ମୋହନ ମାଝୀ ଦେବେ ୫ । ଏଣିକି ଗରିବଙ୍କୁ ମିଳିବ ମାସକ ୧୦ କେଜି ଚାଉଳ । ବିଧାନସଭାରେ ବିଧାୟକ ମାନେ ୫ କେଜି ଚାଉଳ ପର୍ଯ୍ୟାପ୍ତ ହେଉନଥିବା ଦାବି କରୁଥିଲେ । ଏହାକୁ ଦେଖି ମୁଖ୍ୟମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜନା ଅଣାଯାଇଛି । ରାଜ୍ୟର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ଥିବା ୩ କୋଟି ୨୨ ଲକ୍ଷ ହିତାଧିକାରୀ ୫ କେଜି ଚାଉଳ ପାଇବେ ବୋଲି ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି ।ଏଥିପାଇଁ ମାସକୁ ୭୩୪ କୋଟି ହିସାବରେ ୮୮୧୩ କୋଟି ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେବ । ଏହା ଦ୍ୱାରା ରାଜ୍ୟର ଗରିବ ଶ୍ରେଣୀର ଲୋକ ଅଧିକ ଲାଭବାନ ହେବେ ।

### ଏସ୍‌ସିବି ମେଡିକାଲ୍‌ରେ ହଇଚଇ

## ଅସହାୟ ମହିଳାଙ୍କ ୧୪ ଶିଶୁ ବିକ୍ରି !

କଟକ୫।୪(ମହାଭାରତ): କଟକ ବଡ଼ ଡାକ୍ତରଖାନାରେ ଗଲା ୬ ବର୍ଷ ଭିତରେ ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ୧୬ ଜଣ ଅସହାୟ ତଥା ମାନସିକ ବିକାରଗ୍ରସ୍ତ ମହିଳା ସନ୍ତାନ ପ୍ରସବ କରିଛନ୍ତି। ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ଅବଶିଷ୍ଟ ୧୪ଜଣ ଶିଶୁଙ୍କ ପତ୍ତା ମିଳୁନାହିଁ। ଯେଉଁ ସାମାଜିକ ସଂଗଠନ ବା ବ୍ୟକ୍ତିବିଶେଷ ଏହି ଅସହାୟ ମହିଳାଙ୍କୁ ରାସ୍ତାରୁ କିମ୍ବା ବିଭିନ୍ନ ସ୍ଥାନରୁ ଆଣି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସେମାନଙ୍କ ହାତରେ ଏହି ନବଜାତ ଶିଶୁଙ୍କୁ ଟେକି ଦିଆଯାଇଛି। ଏଭଳି କାର୍ଯ୍ୟ ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ ଏବେ ଏହି ଶିଶୁଙ୍କର କୌଣସି ଖୋଜଖବର ନାହିଁ। ଏଭଳି ତଥ୍ୟ ସୂଚନା ଅଧିକାର ଆଇନ ବଳରେ ସାମନାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। ଏହି ଶିଶୁଙ୍କୁ ବିକ୍ରି କରାଯାଇଥିବା ସନ୍ଦେହ କରାଯାଉଛି।

ଏସ୍‌ସିବି ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ଅସହାୟ ଓ ଅପରିଚିତ ମାନସିକ ବିକାରଗ୍ରସ୍ତ ମହିଳାମାନେ ବିଭିନ୍ନ ସମୟରେ ସନ୍ତାନ ପ୍ରସବ କରୁଛନ୍ତି। ସାଧାରଣତଃ ସାମାଜିକ କର୍ମୀଙ୍କ ମାଧ୍ୟମରେ ସେମାନଙ୍କୁ ଭର୍ତ୍ତି କରାଯାଉଛି। ସନ୍ତାନ ପ୍ରସବ ପରେ ନବଜାତ ଶିଶୁଙ୍କୁ ମେଡିକାଲ ପକ୍ଷରୁ ନିୟମ ଅନୁଯାୟୀ ସିଡବ୍ଲୁସି ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ମାଧ୍ୟମରେ ଶିଶୁ ଯତ୍ନ ପ୍ରତିଷ୍ଠାନରେ ଥଇଥାନ କରିବା କଥା। କିନ୍ତୁ ଯେଉଁମାନେ ଏହି ମହିଳାଙ୍କୁ ମେଡିକାଲ୍ ଆଣିଥାନ୍ତି, ସେମାନଙ୍କୁ ନବଜାତ ଶିଶୁଙ୍କୁ ଟେକିଦିଆଯାଉଥିବା ଭଳି ଚାଞ୍ଚଲ୍ୟକର ତଥ୍ୟ ସୂଚନା ଅଧିକାର ଆଇନ ବଳରେ ପଦାକୁ ଆସିଛି। ଏହି ଶିଶୁମାନେ ଏବେ କେଉଁଠି ଅଛନ୍ତି ଏବଂ କିଏ ନେଇଛନ୍ତି ସେ ସମ୍ପର୍କରେ କୌଣସି ସୂଚନା ନାହିଁ। ଏଭଳି ଧାରା ଦୀର୍ଘବର୍ଷ ହେବ ଚାଲିଆସୁଛି। ନବଜାତ ଶିଶୁଙ୍କ ଜନ୍ମ ପଞ୍ଜୀକରଣ ପାଇଁ ମେଡିକାଲ କର୍ତ୍ତୃପକ୍ଷ କଟକ ମହାନଗର ନିଗମକୁ ପଠାଉ ନାହାନ୍ତି।

## କାଳବୈଶାଖୀ ତାଣ୍ଡବ ଓ ବଜ୍ରପାତ : ୩ ମୃତ

ଭୁବନେଶ୍ୱର,୫।୪(ମହାଭାରତ): ରାଜ୍ୟରେ ଆଜି ବିଭିନ୍ନ ଜିଲ୍ଲାରେ କଳାବୈଶାଖୀ ଘଟି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଦିନ ଯାକ ଖରା ଓ ଅପରାହ୍ନରେ ହଠାତ୍ ବଦଳି ଯାଉଛି ପାଗ। କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ଝଡ଼ତୋଫାନ ସହ ବର୍ଷା ହୋଇଛି। ଉପକୂଳବର୍ତ୍ତୀ ଜିଲ୍ଲା ଗୁଡିକରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ସେହିପରି ରାଜଧାନୀର କିଛି ଅଞ୍ଚଳରେ ବର୍ଷା ହୋଇଥିବାରୁ ତାତିରୁ ଲୋକଙ୍କୁ ତ୍ରାହି ମିଳିଛି। କେବଳ ଏତିକି ନୁହେଁ ଅପରାହ୍ନରେ ଅକାଳ ବଜ୍ରପାତ ନେଇଛି ୩ ମୂଲ୍ୟବାନ ଜୀବନ। କଟକ, କଳାହାଣ୍ଡି ଓ ସମ୍ବଲପୁରରେ ଘଟିଛି ଏଭଳି ଦୁଃଖଦ ଘଟଣା।

କଟକ, ପୁରୀ, ବାଲେଶ୍ୱର, ଖୋର୍ଦ୍ଧା, ଗଞ୍ଜାମ ଓ ବାଲେଶ୍ୱର ଜିଲ୍ଲାରେ କାଳବୈଶାଖୀ ହୋଇଛି। ଏପରିକି ଖଇରା, ସମୁଳିଆ, ଔପଦା, ସୋର, ବାହାନଗାରେ ବର୍ଷା ପବନ ହୋଇଥିବା ସୂଚନା ମିଳିଛି। କାଳବୈଶାଖୀ ଯୋଗୁ କଟକ ବାଙ୍କୀରେ ବର୍ଷା, ପବନ ହୋଇଛି। ଏପରିକି କୋଦଳା-ଖଲ୍ଲିକୋଟରେ ବର୍ଷା, ପବନ ହୋଇ କିଛି ସ୍ଥାନରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି।

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ବଳଦିଆମାଲ ଗ୍ରାମରେ ରବିବାର ମଧ୍ୟାହ୍ନରେ ଚାଷ କାମ ସରି ଘରକୁ ଫେରୁଥିବା ସମୟରେ ହଠାତ୍ ବଜ୍ରପାତ ଘଟିଥିଲା। ଏହାରେ ସଞ୍ଜିତା ବିଶ୍ୱାଳ ନାମକ ଜଣେ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି।

ଏହା ସହ ସମ୍ବଲପୁର ଜିଲ୍ଲାର ଯୁଯୁମୁରା ଅଞ୍ଚଳରେ ମଧ୍ୟ ବଜ୍ରପାତ ଆଉ ଗୋଟିଏ ପରିବାରର ଖୁସିକୁ ଶୋକରେ ପରିଣତ କରିଦେଇଛି। ବାଣିଝରଣ ନିକଟରେ ବଜ୍ରପାତ ହେବାରୁ ବୌଦ୍ଧ ଜିଲ୍ଲାର ବିପ୍ଳବ ବେହେରାଙ୍କ ମୃତ୍ୟୁ ଘଟିଛି। ସେ ନିଜ ପୁଅର ବିବାହ ପାଇଁ ଲଗ୍ନ ପତ୍ର ଦେବାକୁ ଗହିରପାଲି ଗ୍ରାମକୁ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ତାଙ୍କ ସହ ଥିବା ସାନ ଭାଇ ବଳରାମ ମଧ୍ୟ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।



କଟକ ଜିଲ୍ଲା ଆଠଗଡ଼ ଅଞ୍ଚଳରେ ବଜ୍ରପାତରେ ଚାଲିଗଲା ମହିଳାଙ୍କ ଜୀବନ। ମୃତକ ମହିଳା ଜଣଙ୍କ ହେଉଛନ୍ତି କରିକୋଲ ଗ୍ରାମର ବିଳାସିନୀ ଗୁରୁ। ରବିବାର ଅପରାହ୍ନରେ ପ୍ରାୟ ଏକ ଘଣ୍ଟା ଧରି ରାଜ୍ୟର ଅନେକ ଜିଲ୍ଲାରେ କାଳବୈଶାଖୀ ହୋଇଥିଲା। ଏହାର ପ୍ରଭାବରେ ବଜ୍ରପାତ ସାଙ୍ଗକୁ ଝଡ଼ତୋଫାନ ହୋଇଥିଲା। ଏହି ବଜ୍ରପାତରେ ଆଠଗଡ଼ ଥାନା ଯୋରନ୍ଦା ପଞ୍ଚାୟତ କରିକୋଲ ଗ୍ରାମର ଧନେଶ୍ୱର ଗୁରୁଙ୍କ ପତ୍ନୀ ବିଳାସିନୀ ଗୁରୁ(୫୮) ପ୍ରାଣ ହରାଇଛନ୍ତ। ସେ ନିଜ ଘର ପିଣ୍ଡାରେ ଛିଡା ହୋଇଥିବା ବେଳେ ବଜ୍ରପାତ ଆଘାତରେ ତଳେ ପଡ଼ି ସଂଜ୍ଞାହୀନ ହୋଇ ଯାଇଥିଲେ ବୋଲି ପରିବାର ଲୋକେ କହୁଛନ୍ତି। ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ଆଠଗଡ଼ ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମହିଳାଙ୍କ ଶରୀରରେ କୌଣସି କ୍ଷତିପୂରଣ ଚିହ୍ନ ନଥିବାରୁ ବ୍ୟବଚ୍ଛେଦ ପରେ ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଛି କି ନାହିଁ ସ୍ପଷ୍ଟ ହେବ ବୋଲି ଡାକ୍ତର କହିଛନ୍ତି। ରାତି ହୋଇଯାଇଥିବାରୁ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

କାଳବୈଶାଖୀର ପ୍ରଭାବରେ ଆଠଗଡ ଉପଖଣ୍ଡ ଡାକ୍ତରଖାନାର ନବନିର୍ମିତ ୫ ମହଲା ବିଶିଷ୍ଟ କୋଭିଡ ଯତ୍ନ କେନ୍ଦ୍ର ଓ ଡାଇଲିସିସ୍ କେନ୍ଦ୍ର ସମ୍ମୁଖ ପାଚେରୀ ଭାଙ୍ଗିପଡ଼ିଛି। ପ୍ରାୟ ୩୦ ଫୁଟରୁ ଉର୍ଦ୍ଧ୍ୱ ଲମ୍ବର ପାଚେରୀ ଭୁଷୁଡି ପଡିଥିବା ଦେଖାଯାଇଛି। ସେହିପରେ ସହରର ଗୋପବନ୍ଧୁ ଛକ ସମେତ ଅନେକ ସ୍ଥାନରେ ବଡ ବଡ ଗଛ ଡାଳ ଭାଙ୍ଗି ପଡିବା ଫଳରେ କେତେକ ଅଞ୍ଚଳରେ ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା। ଗଛ ଡାଳ ପଡି ଗୋପବନ୍ଧୁ ଛକରେ କେତେକ ଉଠା ଦୋକାନ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ତେବେ ସେହି ସମୟରେ ସେସବୁ ଦୋକାନରେ ୮-୧୦ ଜଣ ଲୋକ ରହିଥିଲେ ମଧ୍ୟ ସୌଭାଗ୍ୟବଶତଃ କାହାର କିଛି କ୍ଷତି ହୋଇନାହିଁ। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରେ ଏହି କାଳବୈଶାଖୀର ପ୍ରଭାବରେ କୌଣସି କ୍ଷୟକ୍ଷତିର ସଠିକ ଆକଳନ ହୋଇ ପାରିନାହିଁ।

## ରାଜ୍ୟ କ୍ୟାବିନେଟ୍‌ର ଐତିହାସିକ ନିଷ୍ପତ୍ତିକୁ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ୱାଗତ

ଭୁବନେଶ୍ୱର, ୫।୪(ମହାଭାରତ): ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ସହ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ରାଜ୍ୟ କ୍ୟାବିନେଟ୍‌ର ଐତିହାସିକ ନିଷ୍ପତ୍ତିକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି । ମେଡ଼ିକାଲ, ଇଞ୍ଜିନିୟରିଂ, କୃଷି, ଅନ୍ୟାନ୍ୟ ଉଚ୍ଚ ଶିକ୍ଷା ତଥା ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟାଭିତ୍ତିକ ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ସୀମା ବୃଦ୍ଧି ନିଷ୍ପତି ସମାଜର ଅନ୍ତିମ ଶ୍ରେଣୀରେ ଥିବା ପ୍ରତିଭାମାନଙ୍କୁ ସ୍ୱପ୍ନକୁ ପୂରଣ କରିବା ଦିଗରେ ଐତିହାସିକ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଏହି କଲ୍ୟାଣକାରୀ ନିଷ୍ପତ୍ତି ପାଇଁ ଶ୍ରୀ ପ୍ରଧାନ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ମେଡ଼ିକାଲ, ଇଞ୍ଜିନିୟରି, କୃଷି ତଥା ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟାଭିତ୍ତିକ ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁସୂଚିତ ଜନଜାତି (ଏସଟି) ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣକୁ ୧୨% ରୁ ୨୨.୫୦% ଏବଂ ଅନୁସୂଚିତ ଜାତି (ଏସି) ପାଇଁ ୮% ରୁ ୧୬.୨୫% କୁ ବୃଦ୍ଧି କରାଯାଇଛି । ରାଜ୍ୟରେ ପ୍ରଥମ ଥର ପାଇଁ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସଇବିସି) ଛାତ୍ରଛାତ୍ରୀଙ୍କ ନିମନ୍ତେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥାକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ସାମାଜିକ ନ୍ୟାୟ ପ୍ରଦାନ କରିବା ମୋଦୀ ସରକାରଙ୍କ ଶାସନର ମୂଳମନ୍ତ୍ର । ସମାଜର ପ୍ରତ୍ୟେକ ବର୍ଗକୁ ସମାନ ସୁଯୋଗ, ଅଧିକାର ଓ ସମ୍ମାନଜନକ ଜୀବନ ପ୍ରଦାନ କରିବା ଆମ ସରକାରଙ୍କ ପ୍ରାଥମିକତା । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ୍, ସବକା ବିକାଶ' ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ସରକାରଙ୍କ ଏହି ନିଷ୍ପତ୍ତି ଡବଲ ଇଞ୍ଜିନ ସରକାରଙ୍କ 'ଅନ୍ତ୍ୟୋଦୟ ସଂକଳ୍ପ' ବା ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ବିକାଶ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି ଐତିହାସିକ ନିଷ୍ପତ୍ତି ସମାଜର ଅନ୍ତିମ



ଶ୍ରେଣୀରେ ଥିବା ମେଧାବୀ ପ୍ରତିଭାମାନଙ୍କୁ ସଶକ୍ତ କରିବା ସହ ରାଜ୍ୟର ସାଧାରଣ ଗରିବ ପରିବାରର ଛାତ୍ରଛାତ୍ରୀଙ୍କ ମେଡିକାଲ ଓ ଇଞ୍ଜିନିୟରିଂ ପଢ଼ିବା ସ୍ୱପ୍ନକୁ ସାକାର କରିବାରେ ଏକ ପ୍ରମୁଖ ମାଧ୍ୟମ ହେବ । ସେହିପରି ଏହି ନିଷ୍ପତି ପାଇଁ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କେ.ଭି. ସିଂହଦେଓ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ବିଭାଗ ସହ ଜଡ଼ିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସୂଚନାଯୋଗ୍ୟ, ଶ୍ରୀ ପ୍ରଧାନ ଗତ ଅଗଷ୍ଟ ୬, ୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ମେଡିକାଲ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏସଇବିସି/ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ସହ ମେଡିକାଲ ଶିକ୍ଷାରେ ଏସସିମାନଙ୍କ ପାଇଁ ୧୬.୨୫% ଏବଂ ଏସଟିମାନଙ୍କ ପାଇଁ ୨୨.୫୦% କୁ ସଂରକ୍ଷଣ ବୃଦ୍ଧି କରିବାକୁ ସେ ପ୍ରସ୍ତାବ ଦେଇଥିଲେ । ଏପ୍ରିଲ ୧୭, ୨୦୨୫ ତାରିଖରେ ମଧ୍ୟ ଶ୍ରୀ ପ୍ରଧାନ ଅନୁରୂପ ଭାବେ ଏସଇବିସି ଓ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବା ଉପରେ ଶ୍ରୀ ମାଝୀଙ୍କୁ ଚିଠି ଲେଖିଥିଲେ । ଏହାବ୍ୟତୀତ ଶ୍ରୀ ପ୍ରଧାନ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଡିସେମ୍ବର ୩୧, ୨୦୨୦, ଜାନୁଆରୀ ୧୫, ୨୦୨୦ ଏବଂ ଜୁଲାଇ ୨୫, ୨୦୧୯ରେ ଚିଠି ଲେଖି ଓବିସି ଓ ଏସଇବିସି ବର୍ଗ ପାଇଁ ଶିକ୍ଷାନୁଷ୍ଠାନ ଓ ସରକାରୀ ଚାକିରିରେ ସଂରକ୍ଷଣ ବୃଦ୍ଧି କରିବା ପାଇଁ ଅନୁରୋଧ କରିଥିଲେ । ପ୍ରକାଶ ଥାଉ କି, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅନୁରୋଧ କ୍ରମେ ମେ ୧୪, ୨୦୨୫ରେ ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ ଥର ରାଜ୍ୟରେ ଶିକ୍ଷା କ୍ଷେତ୍ରରେ(ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା) ୧୧.୨୫% ଆସନ ସଂରକ୍ଷଣ ଦେବା ପାଇଁ ଓଡ଼ିଶା ରାଜ୍ୟ କ୍ୟାବିନେଟ୍ ମଞ୍ଜୁର ଦେଇଥିଲା ।

### ଏଫ-୧୫-ଏ ବିମାନ ଖସିବା ଘଟଣା

## ଆମେରିକା-ଇରାନ୍ ବାକ୍ ଯୁଦ୍ଧ

ୱାଂଶିଟନ,୫।୪(ମହାଭାରତ): ଇରାନରେ ଆମେରିକାର କ୍ଷତି ଜାରି ରହିଛି । ମାତ୍ର ତିନି ଦିନ ପୂର୍ବରୁ ଇରାନ ଏଫ-୧୫-ଏ ଲଢୁଆ ବିମାନକୁ ଖସାଇ ଦେଇଥିଲା। ଏଥିରେ ଦୁଇଜଣ ପାଇଲଟ ଥିଲେ। ଯେଉଁମାନଙ୍କ ମଧ୍ୟରୁ ଜଣେ ନିଖୋଜ ହୋଇଯାଇଥିଲେ। ପାଇଲଟଙ୍କୁ ଖୋଜିବା ପାଇଁ ଆମେରିକୀୟ ସେନା ଏକ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲା । ଆମେରିକା ପାଇଲଟଙ୍କୁ ଉଦ୍ଧାର କରିଥିଲା, ଯାହାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇତିହାସର ସବୁଠାରୁ ବିପଜ୍ଜନକ ଉଦ୍ଧାର ଅଭିଯାନ ବୋଲି ବର୍ଣ୍ଣନା କରିଛନ୍ତି। ତେବେ ଇରାନ ଦାବି କରିଛି ଯେ, ଆମେରିକାର ମିଶନ ବିଫଳ ହୋଇଛି । କାରଣ ଆମେ ଅନେକ ବିମାନକୁ ଖସାଇ ଦେଇଛୁ। ଇରାନ ସେନାର କେନ୍ଦ୍ରୀୟ ମୁଖ୍ୟାଳୟ ଖାତମ ଅଲ-ଆନବିୟାର ମୁଖପାତ୍ର ଇବ୍ରାହିମ ଜୋଲଫାଘାରି ରବିବାର ଦାବି କରିଛନ୍ତି, ପାଇଲଟଙ୍କୁ ଉଦ୍ଧାର କରିବା ପାଇଁ ଆମେରିକାର ମିଶନ ବିଫଳ ହୋଇଛି । ଦୁଇଟି ବ୍ଲାକ ହକ୍ ହେଲିକପ୍ଟର ଏବଂ ଏକ ସି-୧୩୦ ସହାୟତା ବିମାନକୁ ଗୁଳି କରି ଖସାଇ ଦିଆଯାଇଛି । ଯେଉଁଥିରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିବା ସେ ଦାବି କରିଛନ୍ତି ।

ପାଇଲଟଙ୍କୁ ଉଦ୍ଧାର କରିବା ପାଇଁ ଶତ୍ରୁପକ୍ଷର ସମସ୍ତ ପ୍ରୟାସ ବିଫଳ ହୋଇଛି । ଇସଫାହାନର ଦକ୍ଷିଣରେ ଶତ୍ରୁପକ୍ଷର ବିମାନକୁ ଗୁଳି କରି ଖସାଇ ଦିଆଯାଇଛି, ଯେଉଁଥିରେ ଦୁଇଟି ବ୍ଲାକ୍ ହକ୍ ହେଲିକପ୍ଟର ଏବଂ ଏକ ସାମରିକ ପରିବହନ ବିମାନ ଅନ୍ତର୍ଭୁକ୍ତ। ସେଗୁଡ଼ିକ ଏବେ ଜଳୁଛି ବୋଲି ଜୋଲଫାଘାରି ଇରାନର ସରକାରୀ ପ୍ରସାରଣକାରୀ ଆଇଆର୍‌ଆଇବିକୁ କହିଛନ୍ତି। ଏବେ, ଏହି ବିମାନଗୁଡ଼ିକର ଚିତ୍ର ସାମ୍ନାକୁ ଆସିଛି । ଦକ୍ଷିଣ ଇସଫାହାନରେ ଇରାନୀ ଆକ୍ରମଣରେ ନଷ୍ଟ ହୋଇଥିବା ଆମେରିକୀୟ ବିମାନଗୁଡ଼ିକ ଜଳୁଥିବା ଦେଖାଯାଉଛି । ଚିତ୍ରଗୁଡ଼ିକରେ ଏହି ବିମାନ ଏବଂ ହେଲିକପ୍ଟରଗୁଡ଼ିକର ଭଗ୍ନାବଶେଷ ଭୂମିରେ ପଡ଼ିଥିବା ଏବଂ ସେଥିରୁ ଧୂଆଁ ବାହାରୁଥିବା ଦେଖାଯାଉଛି। ଇସଫାହାନର ଫଟୋଗୁଡ଼ିକରେ ଆମେରିକୀୟ ପାଇଲଟଙ୍କୁ ଉଦ୍ଧାର କରିବାରେ ନିୟୋଜିତ ବିମାନ ଏବଂ ହେଲିକପ୍ଟର ଜଳି ପାଉଁଶ ହୋଇଯାଇଥିବା ଦେଖାଯାଉଛି। ଆମେରିକୀୟ ପାଇଲଟଙ୍କୁ ଉଦ୍ଧାର କରିଥିବା ବିମାନ ଏବଂ ହେଲିକପ୍ଟରକୁ ମଧ୍ୟ ଇରାନ ଗୁଳି କରି ଖସାଇ ଦେଇଥିବା ଦାବି କରୁଛି। ଏବେ ବିମାନ ଏବଂ ହେଲିକପ୍ଟର ଜଳୁଥିବାର ଚିତ୍ର ସାମ୍ନାକୁ ଆସିଛି। ପୂର୍ବରୁ, ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ଇସଫାହାନର ଦକ୍ଷିଣରେ ଏକ ଆମେରିକୀୟ ବିମାନକୁ ଗୁଳି କରି ଖସାଇ ଦେଇଥିବା ଦାବି କରିଥିଲା, ଯାହାକି ପୂର୍ବରୁ ଖସି ପଡ଼ିଥିବା ଏଫ୍-୧୫-ଇ ଲଢୁଆ ବିମାନର ପାଇଲଟଙ୍କ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲା ।

ଏହି ସମୟରେ, ରବିବାର ଟ୍ରମ୍ପ ଦାବି କରିଛନ୍ତି ଯେ, ଆମେରିକୀୟ ସେନା ଏକ ଏଫ୍-୧୫-ଇର ପାଇଲଟଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଛି। ପାଇଲଟ ଏପ୍ରିଲ ୩ ରୁ ନିଖୋଜ ଥିଲେ ଏବଂ ଇରାନ ଭିତରେ ଥିଲେ। ଟ୍ରମ୍ପ କହିଛନ୍ତି, ଏହି ସାହସୀ ଯୋଦ୍ଧା ଇରାନର ବିପଦପୂର୍ଣ୍ଣ ପର୍ବତମାଳାରେ ଶତ୍ରୁଙ୍କ ମଧ୍ୟରେ ଫସି ରହିଥିଲେ, ଏବଂ ଆମର ଶତ୍ରୁମାନେ ତାଙ୍କର ପିଛା କରୁଥିଲେ।

## କଞ୍ଚାଲଙ୍କା ଆଚାର



**ଆବଶ୍ୟକୀୟ ସାମଗ୍ରୀ :** କଞ୍ଚାଲଙ୍କା -୨୫୦ ଗ୍ରାମ, ଧନିଆ- ୧ଚାମଚ, ମଧୁରୀ-୧ଚାମଚ, ସୋରିଷ-୧ଚାମଚ, ମେଥି-୧ଚାମଚ, ହଳଦୀ ଅଧା ଚାମଚ, ହେଙ୍ଗୁ ଅଳ୍ପ, ଆମଚୁର ପାଉଡର-୨ଚାମଚ, ଭିନେଗାର-୧ଚାମଚ, ସୋରିଷ ତେଲ-୨ଚାମଚ, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତ ପ୍ରଣାଳୀ :** ଏହି ସ୍ୱାଦିଷ୍ଟ ଆଚାର ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ କଞ୍ଚାଲଙ୍କାକୁ ଧୋଇ ମଝିରୁ ଅଧା କାଟି ଶୁଖାଇ ଦିଅନ୍ତୁ । ତାପରେ ଏକ କଡେଇରେ ମଧୁରୀ,ମେଥୀ ,ସୋରିଷ ଏବଂ ଧନିଆ ମିଶାଇ ଭାଜି ତାକୁ ଅଳ୍ପ ପେଶୀ ଦିଅନ୍ତୁ । ବର୍ତ୍ତମାନ ସମସ୍ତ ମସଲାକୁ ଉକ୍ତ ଲଙ୍କାରେ ମିଶାଇ ଦିଅନ୍ତୁ । ଏହିସବୁ ମସଲା ସହିତ ସେଥିରେ ହଳଦୀ, ଆମଚୁର ପାଉଡର ଏବଂ ଲୁଣ ପକାଇ ଗୋଳାଇ ଦିଅନ୍ତୁ ।

ବର୍ତ୍ତମାନ ଏକ କଡେଇରେ ତେଲ ଗରମ କରି ସେଥିରେ ହେଙ୍ଗୁ ଏବଂ ସମସ୍ତ ଲଙ୍କା ମସଲା ପକାଇ ଘୋଡାଇ ଦିଅନ୍ତୁ । ବର୍ତ୍ତମାନ ଗ୍ୟାସ ବନ୍ଦ କରି ତିନିରୁ ଚାରି ମିନିଟ ପର୍ଯ୍ୟନ୍ତ ଘୋଡାଇ ଛାଡି ଦିଅନ୍ତୁ । ଏବେ ଏହାକୁ ଓହ୍ଲାଇ ଥଣ୍ଡା କରି ଏଥିରେ କିଛି ଭିନେଗାର ମିଶାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆପଣଙ୍କ ସ୍ୱାଦିଷ୍ଟ ଲଙ୍କା ଆଚାର ।

## ଖବର

# ରାମାୟଣ ଫିଲ୍ମରେ ରଣବୀର କପୁରଙ୍କ ଡବଲ ରୋଲ୍




ନିତେଶ ତିୱାରୀଙ୍କ ଦ୍ୱାରା ନିର୍ଦ୍ଦେଶିତ 'ରାମାୟଣ'ର ପ୍ରଥମ ଭାଗ ଚଳିତ ବର୍ଷ ଦୀପାବଳିରେ ରିଲିଜ୍ ହେବ । କିନ୍ତୁ ଏହି ଫିଲ୍ମ ରିଲିଜ୍ ହେବା ପୂର୍ବରୁ ଖୁବ୍ ଚର୍ଚ୍ଚାରେ ରହିଛି । ନିକଟରେ 'ରାମାୟଣ'ର ଟିଜର ରିଲିଜ୍ ହୋଇଥିଲା । ରଣବୀର କପୁରଙ୍କୁ ନିତେଶ ତିୱାରୀଙ୍କ ଏହି ମେଗା ବଜେଟ୍ ଫିଲ୍ମରେ ଡବଲ ଭୂମିକାରେ ଅଭିନୟ କରୁଥିବାର ନଜର ଆସିବେ। ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।ରଣବୀର କପୁର ଏହି ମେଗା-ବଜେଟ୍ ଫିଲ୍ମ ସମ୍ପର୍କରେ ଖୋଲାଖୋଲି ଆଲୋଚନା କରିଥିଲେ । ଏହି କଥାବାର୍ତ୍ତା ସମୟରେ ରଣବୀର କପୁର ମଧ ରାମାୟଣରେ ତାଙ୍କର ଡବଲ୍ ରୋଲ୍ ନିଶ୍ଚିତ କରିଥିଲେ । ପୋଷ୍ଟର ରିଲିଜ୍ ସମୟରେ ରଣବୀରଙ୍କୁ ଭଗବାନ ରାମଙ୍କ ଭୂମିକାରେ ଦେଖିବାକୁ ପାଇଥିଲେ ଦର୍ଶକ । ଏଥିସହ ସେ ଭଗବାନ ପରଶୁରାମ ଭୂମିକାରେ ମଧ ନଜର ଆସିବେ ।ଅନ୍ୟପଟେ ଟିଜରରେ 'ରାମାୟଣ'ରେ ରଣବୀର କପୁରଙ୍କ ଡବଲ୍ ରୋଲ୍ ବିଷୟରେ ସୂଚନା ଦିଆଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟିକରଣ କରାଯାଇନାହିଁ । ହେଲେ ଏହି ଆଲୋଚନା ମଧ୍ୟରେ ଏବେ ରଣବୀର ତାଙ୍କର ଉଭୟ ଚରିତ୍ର ସମ୍ପର୍କରେ ସ୍ପଷ୍ଟ କରିଛନ୍ତି ।ଯଦି ଏହି ଫିଲ୍ମ ବିଷୟରେ କୁହାଯାଏ ତେବେ ଏହା ଦୁଇଟି ଭାଗରେ ରିଲିଜ୍ ହେବ । ପ୍ରଥମ ଭାଗ ଚଳିତ ବର୍ଷ ଦୀପାବଳିରେ ରିଲିଜ୍ ହେବାବେଳେ ଏହାର ଦ୍ୱିତୀୟ ଭାଗ ପାଇଁ ଦର୍ଶକଙ୍କୁ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡିବ । ଫିଲ୍ମର ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ରିଲିଜ୍ ହେବ । ରାମାୟଣରେ ରଣବୀର କପୁର ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ଏବଂ ସାଇ ପଲ୍ଲବୀ ମାତା ସୀତାଙ୍କ ଭୂମିକାରେ ନଜର ଆସିବେ୍ୟ ଏମାନଙ୍କ ବ୍ୟତୀତ ରାଜା ଦଶରଥଙ୍କ ଭୂମିକାରେ ଅରୁଣ ଗୋଭିଲ, ମାତା ସୀତାଙ୍କ ଭୂମିକାରେ ଇନ୍ଦିରା କୃଷ୍ଣନ୍, ଲକ୍ଷ୍ମଣଙ୍କ ଭୂମିକାରେ ରବି ଦୁବେ, ରାବଣ ଭୂମିକାରେ ଯଶ ଏବଂ ହନୁମାନଙ୍କ ଭୂମିକାରେ ସନି ଦେଓଲ ନଜର ଆସିବେ।

## ଅନେକ ରୋଗକୁ ଦୂରରେ ରଖିଥାଏ ଗଜାମୁଗ



ମୁଗ ଡାଲି ଖାଇବା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ସମସ୍ତେ କହିଥାନ୍ତି । ଏଥିରେ କମ କ୍ୟାଲୋରୀ ଥିବା ସହ ଭିଟାମିନ ଏ, ବି, ସି, ଏବଂ ଇ ଅଧିକ ପରିମାଣରେ ରହିଥାଏ । ଏହା ସହ ମ୍ୟାଗ୍ନେସିୟମ,କପର, ଫାଇବର, ପୋଟାସିୟମ, ଆଇରନ ଭଳି ଅନେକ ପୋଷକ ତତ୍ତ୍ୱ ମୁଗରେ ରହିଥାଏ । ତେବେ ମୁଗ ସହ ଗଜାମୁଗ ମଧ୍ୟ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଆସନ୍ତୁ ଜାଣିବା ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା କ'ଣ ସବୁ ଫାଇଦା ମିଳିଥାଏ ।

୧- ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା ଏହା ଶରୀରରେ କର୍କଟ ରୋଗ ସୃଷ୍ଟିକାରୀ କୋଷିକାଗୁଡିକୁ ବଢିବାରୁ ରୋକିଥାଏ । ଯାହା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା କମ ହୋଇଥାଏ ।

୨- ଯେଉଁ ଲୋକମାନଙ୍କର ଉଚ୍ଚ ରକ୍ତଚାପର ସମସ୍ୟା ରହିଛି ସେମାନଙ୍କ ପାଇଁ ସକାଳ ସମୟରେ ଗଜାମୁଗ ଖାଇବା ଅତ୍ୟନ୍ତ ଲାଭଦାୟକ । ଏଥିରେ ସୋଡିୟମ ନଥିବାରୁ ଏହାକୁ ଖାଇଲେ କୋଲେଷ୍ଟ୍ରଲର ସ୍ତର ଏବଂ ରକ୍ତଚାପ ନିୟନ୍ତ୍ରଣ ହୋଇ ରହିଥାଏ ।

୩- ସକାଳୁ ଉଠିବା ପରେ ଗଜାମୁଗ ଖାଇବା ଦ୍ୱାରା ପାଚନ କ୍ରିୟା ସୁସ୍ଥ ରହିଥାଏ । ଯେଉଁ ଲୋକମାନଙ୍କରେ ଖାଦ୍ୟ ହଜମ ହେବାରେ ଅସୁବିଧା ହେଉଛି । ସେମାନଙ୍କୁ ସକାଳୁ ଗଜାମୁଗ ଖାଇବା ଆରମ୍ଭ କରିବା ଦରକାର ।

୪- ଲିଭର ସମସ୍ୟାକୁ ଦୂର କରିବା ବା ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ଗଜାମୁଗ ଖୁବ୍ ଭଲ ।

# ବୟସ ବଢ଼ିଲେ ଏସବୁ ପ୍ରତି ଧ୍ୟାନ ରଖନ୍ତୁ



ଶରୀରକୁ ସୁସ୍ଥ ରଖିବା ଦିଗରେ ଭିଟାମିନ୍ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଭିଟାମିନର ଅଭାବରେ ଶରୀରରେ ଅନେକ ପ୍ରକାର ସମସ୍ୟା ଦେଖାଦେଇଥାଏ। ବିଶେଷକରି ବୟସ ବଢ଼ିବା ସହ ର୍ନିଦ୍ଦିଷ୍ଟ କେତେକ ଭିଟାମିନ୍ ଶରୀରକୁ ନିତାନ୍ତ ଆବଶ୍ୟକ। ତେବେ ଆସନ୍ତୁ ଏ ବିଷୟରେ ଅଧିକ ଜାଣିବା

କ୍ୟାଲସିୟମ୍: ବୟସ ବଢ଼ିବା ସହ ଶରୀର ପାଇଁ କ୍ୟାଲସିୟମ ଅଧିକ ଜରୁରୀ ହୋଇପଡ଼େ। କ୍ୟାଲସିୟମର ଅଭାବରୁ ହାଡ଼ ଦୁର୍ବଳ ହୋଇପଡ଼େ। ଫଳରେ ଅଷ୍ଟିୟୋପୋରୋସିସ୍ ହେବାର ସମ୍ଭାବନା ବଢ଼ିଯାଏ। ମହିଳାଙ୍କ ମେନୋପୋଜ ସମୟରେ ସାଧାରଣତଃ ଏହି ସମସ୍ୟା ଆରମ୍ଭ ହୋଇଯାଏ। କ୍ୟାଲସିୟମ ମାଂସପେଶୀ, କୋଷ ଏବଂ ସ୍ନାୟୁକୁ ତଥା ଧମନୀକୁ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ। ୫୦ରୁ ଅଧିକ ବୟସ୍କା ମହିଳା ଏବଂ ୭୦ ବର୍ଷରୁ ଅଧିକ ବୟସର ପୁରୁଷଙ୍କ ତୁଳନା କଲେ ପ୍ରାୟ ୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କଠାରେ କ୍ୟାଲସିୟମର ଅଭାବ ଦେଖିବାକୁ ମିଳିଥାଏ। ଏଣୁ ଖାଦ୍ୟରେ କ୍ଷୀର, ଦହି, ପନିର ଆଦି ସାମିଲ କରନ୍ତୁ।

ଭିଟାମିନ୍ ବି-୧୨: ଶରୀରରେ ରକ୍ତ ଏବଂ ସ୍ନାୟୁ କୋଷ ତିଆରି କରିବାରେ ଭିଟାମିନ୍ ବି-୧୨ ସାହାଯ୍ୟ କରେ। ମାଂସ, ମାଛ, ଅଣ୍ଡା ତଥା ଦୁଗ୍ଧ ଜାତୀୟ ଖାଦ୍ୟପଦାର୍ଥରେ ଏହି ଭିଟାମିନ୍ ପ୍ରଚୁର ପରିମାଣରେ ମିଳିଥାଏ। ଏହାକୁ ଭିଟାମିନ୍ ବି-୧୨ ଟ୍ୟାବଲେଟ୍ କିମ୍ବା ଫୋର୍ଟିଫାଇଡ୍ ଖାଦ୍ୟ ଭାବରେ ମଧ ଆପଣ ଖାଇପାରିବେ। ୫୦ ବର୍ଷରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ ୩୦ ପ୍ରତିଶତ ଲୋକଙ୍କଠାରେ ଏଟେ୍ରାଫିକ୍ ଗ୍ୟାଷ୍ଟ୍ରିଟିସ୍ ଦେଖାଦେଇଥାଏ, ଯେଉଁ କାରଣରୁ ଶରୀରକୁ ଖାଦ୍ୟ ପଦାର୍ଥ ମାଧମରେ ଆବଶ୍ୟକ ଭିଟାମିନ୍ ବି-୧୨ ମିଳିପାରେ ନାହିଁ।

ଭିଟାମିନ୍ ଡି: ମାଂସପେଶୀ, ସ୍ନାୟୁ ଏବଂ ଇମ୍ୟୁନ୍ ସିଷ୍ଟମକୁ ଠିକ୍ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ ଭିଟାମିନ୍ ଡି। ସୂର୍ଯ୍ୟକିରଣରୁ ପ୍ରଚୁର ପରିମାଣର ଭିଟାମିନ୍ ଡି ମିଳିଥାଏ। ହେଲେ ଏକ ର୍ନିଦ୍ଦିଷ୍ଟ ବୟସ ପରେ ସୂର୍ଯ୍ୟ ରଶ୍ମୀରୁ ଶରୀର ଭିଟାମିନ୍ ଡି ଗ୍ରହଣ କରିପାରେ ନାହିଁ। ତେବେ ଖାଦ୍ୟ ପଦାର୍ଥରୁ ଭିଟାମିନ୍ ଡି ଯଥେଷ୍ଟ ମିଳିପାରିବ। ହେଲେ ସେଲମନ, ମ୍ୟାକରଲ ତଥା ସାର୍ଡିନ ଭଳି ମାଛରେ ଭରପୂର ଭିଟାମିନ୍ ଡି ରହିଛି।

ଭିଟାମିନ୍ ବି-୬: ଏହା ଶରୀରକୁ ଜୀବାଣୁ ସହ ଲଢ଼ିବାକୁ ଶକ୍ତି ଯୋଗାଇଥାଏ। ବୟସ ବଢ଼ିବା ସହ ଭିଟାମିନ୍ ବି-୬ ଶରୀର ପାଇଁ ଯଥେଷ୍ଟ ଜରୁରୀ ହୋଇପଡ଼େ। କିଛି ସର୍ଭେରୁ ଜଣାପଡ଼ିଛି ଯେ, ବୟସ୍କ ବ୍ୟକ୍ତିଙ୍କ ହଜିଯାଉଥିବା ସ୍ମରଣ ଶକ୍ତିକୁ ଠିକ୍ କରିବାରେ ଭିଟାମିନ୍ ବି-୬ ସାହାଯ୍ୟ କରିଥାଏ। ତେବେ କାବୁଲି ଚଣା, ଫ୍ୟାଟି ଫିଶ୍ ଏବଂ ପୋର୍ଟିଫାଇଡ୍ ଫିଡ୍ସରେ ଏହି ଭିଟାମିନ୍ ପ୍ରଚୁର ମାତ୍ରାରେ ରହିଛି।

ମ୍ୟାଗ୍ନେସିୟମ: ଶରୀରରେ ପ୍ରୋଟିନ୍ ତଥା ହାଡ଼କୁ ମଜବୁତ କରିବାରେ ଏହା ସାହାଯ୍ୟ କରିଥାଏ। ଏହା ବ୍ୟତୀତ ବ୍ଲଡ୍ ସୁଗାରକୁ ମଧ ଏହା ସ୍ଥିର ରଖିଥାଏ। ନଟସ୍, ମଞ୍ଜି ତଥା ପତ୍ରଜାତୀୟ ପନିପରିବାରେ ପ୍ରଚୁର ମ୍ୟାଗ୍ନେସିୟମ ଥାଏ। ବୟସ ବଢ଼ିବା ସହ ଲୋକମାନେ ନିଜ ଖାଦ୍ୟ ସୂଚୀକୁ ଅଧିକ ଧ୍ୟାନ ଦେବା ସହ ଆଉ ଖାଦ୍ୟରେ ମ୍ୟାଗ୍ନେସିୟମ ଉତ୍ସଗୁଡ଼ିକୁ ସାମିଲ କରିବା ଉଚିତ।

# ତୁଳସୀଙ୍କ କଥା



ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା । ବୃନ୍ଦା ଥିଲା ଜଣେ ପ୍ରତିବ୍ରତା ମହିଳା । ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ । ତା'ର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ । ଫଳରେ ତା'କୁ ହରାଇବା କଷ୍ଟକର ହୋଇପଡ଼ିବ । ଶେଷରେ ଶ୍ରୀହରି ବିଷ୍ଣୁ, ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ । ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା । ଫଳରେ ତା'ର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧ ଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡ଼ିବ ଏବଂ ପତ୍ନୀ ବିୟୋଗ ସହିବାକୁ ହେବ । ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା। ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା 'ତୁଳସୀ' ନାମରେ ପୂଜା ପାଇବାକୁ ଲାଗିଲେ।

ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାକୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ । ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

# ମାତାଙ୍କ ଆଦର୍ଶ

ସବୁକିଛି ନିଷ୍ଫଳ ସାବ୍ୟସ୍ତ ହେଲା । କୃଷ୍ଣ ନିରାଶ ହୋଇ କୁନ୍ତୀଙ୍କ ନିକଟକୁ ଗଲେ । ସବୁ କଥା ଶୁଣି କୁନ୍ତୀ ନିରୁତ୍ସାହିତ ହେଲେ ନାହିଁ । ସେ କୃଷ୍ଣଙ୍କୁ କହିଲେ, "ଯୁଧିଷ୍ଠିରକୁ କହିବ ସେ ନିଶ୍ଚୟ ଯୁଦ୍ଧ କରୁ ।



। ତା'କୁ କହିବ ଯେ ବିଦୁଳାର ପୁତ୍ର ଯେତେବେଳେ ଯୁଦ୍ଧରେ ପରାଜିତ ହୋଇ ନିଜ ମାତାଙ୍କ ନିକଟକୁ ମୁହଁ ଲୁଚାଇବାକୁ ଆସିଥିଲା, ମା' ତା'କୁ ପୁଣିଥରେ ଯୁଦ୍ଧ କରିବା ଲାଗି ପଠାଇଥିଲା। ସେ ଯୁଦ୍ଧରେ ଲଢ଼ି ବୀରଗତି ପ୍ରାପ୍ତ କରିବା ପରେ ମାତା ପରମସନ୍ତୋଷ ଲାଭ କରିଥିଲେ । ମୁଁ ମଧ ସେହିପ୍ରକାରେ ନିଜ ପୁତ୍ରମାନଙ୍କୁ ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ ଲଢ଼ି ମରୁଥିବା ଦେଖିବାକୁ ଅଧିକ ପସନ୍ଦ କରିବି । ଭୟଭୀତ ହୋଇ ସେମାନେ ବଞ୍ଚିଲେ ମୋତେ ଅଧିକ କଷ୍ଟ ହେବ"। କର୍ମଯୋଗୀ ଭଗବାନ କୃଷ୍ଣ କୁନ୍ତୀଙ୍କ ଯୁଦ୍ଧ ଅବଶ୍ୟମ୍ଭାବୀ, ଏଣୁ ମୃତ୍ୟୁର ଚିନ୍ତା ନକରି ସେ ଅତ୍ୟାଚାରୀମାନଙ୍କୁ ଦଣ୍ଡ ଦେଉ । ଧର୍ମ ଏବଂ କର୍ତ୍ତବ୍ୟର ବେଦୀ ଉପରେ ଆତ୍ମ-ତ୍ୟାଗ କରିବାର ଦିନ ଆସି ପହଞ୍ଚିଯାଇଛି । ବିପତ୍ତି କାଳରେ ବୀର ପୁରୁଷମାନେ ଅଣ୍ଟା ଭିଡ଼ି ବିପଦର ମୁକାବିଲା କରିଥାନ୍ତି ଏହି ବାଣୀକୁ ଗୀତାରେ କର୍ମଯୋଗର ଆଧାର କରିଥିଲେ । ରାଷ୍ଟ୍ରଭକ୍ତି ସବୁଠୁ ବଡ଼ ଧର୍ମ । ଏଥିପାଇଁ କିଛି ବି ବଳିଦାନ ଦିଆଯାଇପାରେ ।

ନଗରନକ୍ସା
ମହାନଗରର ନିଜ ଭାଷା



# ଭିଏଫଏସ୍ ଗ୍ଲୋବାଲ ଭିସା ଆବେଦନ କେନ୍ଦ୍ର ଉଦ୍‌ଘାଟିତ

**ଭୁବନେଶ୍ୱର,୪।୪ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭୁବନେଶ୍ୱର ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ବରମୁଣ୍ଡା ଠାରେ ଭିଏଫଏସ୍ ଗ୍ଲୋବାଲ ଦ୍ୱାରା ପରିଚାଳିତ ନୂତନ ଭିସା ଆବେଦନ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଭିସା ଆପ୍ଲିକେସନ୍ ସେଣ୍ଟର ପାଇଁ ରାଜ୍ୟବାସୀଙ୍କ ବହୁଦିନରୁ ଦାବୀ ରହିଆସିଥିଲା, ଆମେ ଏ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ନିକଟରେ ସହଯୋଗ କାମନା କରିଥିଲୁ । କେନ୍ଦ୍ର ସରକାରଙ୍କ ସହଯୋଗରେ ଆଜି ଭୁବନେଶ୍ୱରରେ ଏହି ଭିସା ଆପ୍ଲିକେସନ୍ ସେଣ୍ଟର କାର୍ଯ୍ୟକ୍ଷମ ହେଲା । ଏହା ଓଡିଶାବାସୀଙ୍କୁ ଆନ୍ତର୍ଜାତୀୟ ଭିସା ସେବା ପ୍ରଦାନ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହାଦ୍ୱାରା ଓଡିଶାର ଗ୍ଲୋବାଲ କନେକ୍ଟିଭିଟି ଢାଞ୍ଚା ଆହୁରି ସୁଦୃଢ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଏହି କେନ୍ଦ୍ର ସ୍ଥାପିତ ହେବାଦ୍ୱାରା ସମଗ୍ର ବିଶ୍ୱ ସହିତ ଓଡିଶାର କନେକ୍ଟିଭିଟି ବୃଦ୍ଧିହେବ। ଜନସାଧାରଣଙ୍କୁ ନାଗରିକ କୈନ୍ଦ୍ରୀକ ସେବା ଯୋଗାଇଦେବାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ। ସେ କହିଥିଲେ ଯେ, ଏପରି ପଦକ୍ଷେପ ଓଡିଶାର ଯୁବବର୍ଗଙ୍କ ବିଦେଶ ଯାତ୍ରାକୁ ସହଜ କରିବା ସହିତ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବ ଓ ଆନ୍ତର୍ଜାତୀୟ ସମ୍ପର୍କକୁ ମଜବୁତ କରିବ।



ସେ ଆହୁରି କହିଥିଲେ ଯେ, ରାଜ୍ୟରେ ଶିକ୍ଷାୟନ ଓ ଅର୍ଥନୈତିକ କାର୍ଯ୍ୟକ୍ରମର ଅଭିବୃଦ୍ଧି ଯୋଗୁଁ ଓଡିଶାରେ ଏକ ଭିସା ଆପ୍ଲିକେସନ୍ ସେଂଟରର ଆବଶ୍ୟକତା ଥିଲା। ସ୍ଥାନୀୟ ଯୁବ ପ୍ରଫେସନାଲଙ୍କ ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ ସେମାନେ ଭିସା ଆବେଦନ ପାଇଁ କୋଲକାତା ଓ ହାଇଦ୍ରାବାଦକୁ ଯିବାକୁ ପଡୁଥିଲା। ଏବେ ସେମାନେ ସହଜରେ ଓ ସୁବିଧାରେ ଭିସା ପାଇପାରିବେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଭୁବନେଶ୍ୱରର ବରମୁଣ୍ଡା ସ୍ଥିତ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ଭିତରେ ପ୍ରାୟ ୩,୦୦୦ ବର୍ଗଫୁଟ୍ ଜାଗା ଏହି ଭିସା ସେଣ୍ଟର ପାଇଁ ପ୍ରଦାନ କରିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ଏହି କେନ୍ଦ୍ର ୟୁନାଇଟେଡ୍ କିଙ୍ଗଡମ୍, ଆୟରଲ୍ୟାଣ୍ଡ, ଅଷ୍ଟ୍ରିଆ, ଏସ୍ତୋନିଆ, ଇଟାଲୀ, ମାଲ୍ଟା, ସ୍ୱିଜରଲ୍ୟାଣ୍ଡ, ଜାପାନ, ମରୋକ୍କୋ ଓ ଇଜିପ୍ଟ ସହିତ ମୋଟ ୧୦ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରିବ। ଆଗାମୀ ଦିନରେ ଅଧିକ ଦେଶକୁ ଏହି ସେବାରେ ଯୋଡାଯିବ ବୋଲି ସେ କହିଥିଲେ। ଭିଏଫଏସ୍ ଗ୍ଲୋବାଲ ଭାରତର ୨୦ଟି ସହରରେ ୫୬୦ରୁ ଅଧିକ କେନ୍ଦ୍ର ମାଧମରେ ୫୩ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରୁଛି। ଭିଏଫଏସ୍ ଗ୍ଲୋବାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଜୁବିନ କାର୍ତ୍ତକରିଆ ସଂସ୍ଥାଟିକୁ ବିଶ୍ୱର ସର୍ବବୃହତ୍ ଭିସା ଓ କନସୁଲାର ସେବା ପ୍ରଦାନକାରୀ ଭାବେ ଗଢିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ନେତୃତ୍ୱରେ ସଂସ୍ଥାଟି ୧୬୭ଟି ଦେଶରେ ୭୦ଟି ସରକାରକୁ ଭିସାସେବା ଯୋଗାଇ ଦେଉଛି। ଭାରତର ୨୦ ଟି ସହରରେ ଏହି ସଂସ୍ଥାର ୫୬୦ ଟି ଭିସା ଆପ୍ଲିକେସନ ସେଣ୍ଟର କାମ କରୁଛି ।

ଭିଏଫଏସ୍ ଗ୍ଲୋବାଲ ଏକ ବିଶ୍ୱସନୀୟ ପ୍ରଯୁକ୍ତି ସେବା ପ୍ରଦାନକାରୀ ସଂସ୍ଥା ଭାବେ ସରକାର ଓ ଦୂତାବାସମାନଙ୍କୁ ଭିସା, ପାସପୋର୍ଟ ଓ କନସୁଲାର ସେବା ପ୍ରଦାନ କରିବାରେ ସହଯୋଗ କରୁଛି। ୧୬୭ଟି ଦେଶରେ ଏହିସଂସ୍ଥାର ୪,୦୦୦ରୁ ଅଧିକ କେନ୍ଦ୍ର ରହିଛି। ଏହି ଅବସରରେ ଅଷ୍ଟ୍ରିଆ, ଇଟାଲୀ ଓ ସ୍ୱିଜରଲ୍ୟାଣ୍ଡ ଦୂତାବାସର ଭାରତରେ ଅବସ୍ଥାପିତ ଅଧିକାରୀଙ୍କ ସମେତ ଓଡ଼ିଶା ବିଧାନ ସଭାର ସରକାରୀ ଦଳ ମୁଖ୍ୟ ସଚେତକ ଶ୍ରୀ ସରୋଜ ପ୍ରଧାନ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଭିଏଫଏସ୍ ଗ୍ଲୋବାଲ ସାଉଥ ଏସିଆର ସିଓଓ ୟୁମି ତଲୱାର ପ୍ରମୁଖ ଉପସ୍ଥିତ ଥିଲେ ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ପ୍ରଦାନ ପାଇଁ ଏସଓପି

**ଭୁବନେଶ୍ୱର,୪।୪ (ମହାଭାରତ):** ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ସହାୟକ ଉପକରଣ ପ୍ରଦାନ କରାଯିବ। ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନକୁ ୩ଟି ହ୍ୱିଲ ଚେୟାର ପ୍ରଦାନ କରାଯିବ। ଏନେଇ ଏସଓପି ଜାରି କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଆଞ୍ଚଳିକ ଶିକ୍ଷା ଉପ-ନିର୍ଦ୍ଦେଶକମାନଙ୍କୁ ଜିଲ୍ଲା ନୋଡ଼ାଲ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲା ନୋଡ଼ାଲ ଅଧିକାରୀମାନେ ନିଜ ଜିଲ୍ଲାରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସହାୟକ ଉପକରଣ ବଣ୍ଟନ କରିବେ ଏବଂ ଏହାର ରିପୋର୍ଟ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବେ। ଏସଓପି ଅନୁଯାୟୀ, ଜିଲ୍ଲା ନୋଡ଼ାଲ ଅଧିକାରୀ ନିଜ ଜିଲ୍ଲାର ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ତଥ୍ୟ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏହି ସମସ୍ତ ତଥ୍ୟକୁ ଯାଞ୍ଚ କରି ସାରିବା ପରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସହାୟକ ଉପକରଣ ବଣ୍ଟନ କରାଯିବ। ଏଥିସହ ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନ ନିଜ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ତଥ୍ୟ, ସହାୟକ ଉପକରଣର ବିବରଣୀ ଏବଂ ଲାଭାର୍ଥୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ତଥ୍ୟ ରଖିବେ। ସହାୟକ ଉପକରଣ ଗୁଡ଼ିକର ବଣ୍ଟନ ପ୍ରକ୍ରିୟାକୁ ଯେପରି ସୁଚାରୁରୂପେ ପରିଚାଳନା କରାଯାଇପାରିବ, ସେନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଜିଲ୍ଲା ନୋଡ଼ାଲ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନେଇ ବୈଠକର ଆୟୋଜନ କରାଯିବ।

# ୨୦୩୬ ମସିହା ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଗଢ଼ି ତୋଳିବା : ମନମୋହନ

**ଭୁବନେଶ୍ୱର,୪।୪ (ମହାଭାରତ):** ୧୯୩୬ ମସିହା ଏପ୍ରିଲ ୧ ଓଡ଼ିଶା ଇତିହାସର ଏକ ଅବିସ୍ମରଣୀୟ ଦିନ । ଏହା ସବୁ ଓଡ଼ିଆଙ୍କ ପାଇଁ ପ୍ରେରଣା ଓ ସ୍ୱାଭିମାନର ଦିନ । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମହାରାଜାଙ୍କ ପରି ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷ ଯୋଗୁ ଓଡ଼ିଆ ଭାଷାର ସୁରକ୍ଷା ହେବା ସହ ସ୍ୱତନ୍ତ୍ର ଓଡ଼ିଶା ଗଠନ ସମ୍ଭବ ହୋଇଥିଲା । ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ୨୦୩୬ ମସିହାରେ ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯେଉଁ ସମ୍ଭାବନା ଦେଖୁଛନ୍ତି ତାହାକୁ ପୂରଣ କରିବା ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାକୁ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।

ଓଡ଼ିଶା ଦିବସ ପାଳନ ଅବସରରେ ଭୁବନେଶ୍ୱରଠାରେ ଓଡ଼ିଶାର ମହାନ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରୀ ସାମଲ କହିଛନ୍ତି ଯେ, ବିକଶିତ ଭାରତ ଗଠନରେ ଓଡ଼ିଶାର ସର୍ବାଧିକ ଯୋଗଦାନ ରହିବ । ଓଡ଼ିଶାରେ ଥିବା ଅପାର ସମ୍ଭାବନାର ସମ୍ପୂର୍ଣ୍ଣ ବିନିଯୋଗ ଯେପରି କରାଯାଇପାରିବ, ସେନେଇ ବିଜେପି ସରକାର ସଂକଳ୍ପବଦ୍ଧ । ଏଠାକାର ମାନବ ସମ୍ବଳଠାରୁ ଆରମ୍ଭ କରି ଜଳସମ୍ପଦ, ଖଣିଜସମ୍ପଦର ସଦୁପଯୋଗ କରି ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟଭାବେ ଗଢ଼ି ତୋଳିବା ପାଇଁ ଡବଲଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ସାମଲ କହିବା ସହ ଓଡ଼ିଶା ଦିବସ ଉପଲକ୍ଷେ ସାଢ଼େ ୪କୋଟି ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସମ୍ପାଦକ ସରୋଜ କର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଓ ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ବିଏମ୍‌ସିର ସ୍ୱଚ୍ଛକର୍ମୀ ସମ୍ବର୍ଦ୍ଧନା ଉତ୍ସବ ଓ ବଡା ଖାନା

**ଭୁବନେଶ୍ୱର,୪।୪ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ "ସ୍ୱଚ୍ଛ ସମ୍ବର୍ଦ୍ଧନା ଉତ୍ସବ" ଓ "ବଡା ଖାନା" ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି ୩ଟି ଜୋନର ୧୦ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ ଏଜେନ୍ସି, ସ୍ୱେଚ୍ଛାସେବୀ ସଂଗଠନ ଓ ବିଏମ୍ ସିର ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ପ୍ରମୁଖ ପ୍ରାୟ ୮ ହଜାର କର୍ମୀ ସାମିଲ ହୋଇଥିଲେ । ଡି. ଏମ୍. କନଭେନସନଠାରେ ଆୟୋଜିତ ସ୍ୱଚ୍ଛ ସମ୍ବର୍ଦ୍ଧନା ଉତ୍ସବ ଓ ବଡା ଖାନାରେ ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ବିଏମ୍ ସି କମିଶନର ତଥା ବିଡିଏ ଉପାଧକ୍ଷ ଶ୍ରୀ ଚଞ୍ଚଳ ରାଣା, ପରିମଳ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଶ୍ରୀ ବିରଞ୍ଚି ନାରାୟଣ ମହାସୂପକାର, ସାଂସ୍କୃତିକ ଷ୍ଟାଣ୍ଡିଂକମି ଅଧକ୍ଷ ଶ୍ରୀ ରାମଚନ୍ଦ୍ର ରଣସିଂହ, ସ୍ଲମ୍ ସେଟଲମେଣ୍ଟ କମିଟିର ଅଧକ୍ଷା ଶ୍ରୀମତୀ ମହାମାୟା ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ସଂଜୁକ୍ତା ସୁନ୍ଦରାୟ, ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ, ଶ୍ରୀମତୀ ସସ୍ମିତା ସାହୁ,




ଶ୍ରୀ କୈଳାସ ଚନ୍ଦ୍ର ଦାସ, ଜୋନାଲ କମିଶନର ଶ୍ରୀ ରାକେଶ କୁମାର ପାତ୍ର, ସହକାରୀ କମିଶନର ଶ୍ରୀ ଲୋକନାଥ ବେଜ୍ ପ୍ରମୁଖ ମଂଚାସୀନ ଥିଲେ।

ସ୍ୱଚ୍ଛ ସର୍ବେକ୍ଷଣ ଅବସରରେ ସ୍ୱଚ୍ଛ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସହ ମିଶି ମେୟର, ଡେପୁଟି ମେୟର, କମିଶନର, ଷ୍ଟାଣ୍ଡିଂ କମିଟିର ଅଧକ୍ଷା ଓ ଅଧକ୍ଷ ବୃନ୍ଦ, ଅତିରିକ୍ତ କମିଶନର, ଡେପୁଟି କମିଶନର ପ୍ରମୁଖ ଅଧିକାରୀମାନେ ଗୋଟିଏ ସ୍ଥାନରେ ଭୋଜନ କରିବା ଦ୍ୱାରା ସ୍ୱଚ୍ଛକର୍ମୀମାନେ ଉତ୍ସାହିତ ହେବେ ଏବଂ ସେମାନଙ୍କର ମାନବିକ ମୂଲ୍ୟବୋଧକୁ ସମ୍ମାନ ସହିତ କାମ କରିବାରେ ଏହି କାର୍ଯ୍ୟକ୍ରମ ସେମାନଙ୍କୁ ପ୍ରେରଣା ଦେବ । ସେଥିପାଇଁ ନିୟମିତ ଭାବେ ଏହି ବଡଖାନା ଅନୁଷ୍ଠିତ ହୋଇଆସୁଛି । ଚଳିତ ବର୍ଷ ତିନୋଟି ଜୋନର ୧୦ଟି ସ୍ଥାନରେ ଯଥା-ୟୁନିଟ୍-୬ କଲ୍ୟାଣ ମଣ୍ଡପ, ୨୩ ନମ୍ବର ୱାର୍ଡ ଅଫିସ, ୟୁନିଟ୍-୮ କମ୍ୟୁନିଟ୍ ସେଣ୍ଟର, ଡି.ଏମ୍. କନଭେନସନ ହଲ୍, କପିଳେଶ୍ୱର କମ୍ୟୁନିଟ୍ ସେଣ୍ଟର, ବଡ଼ଗଡ଼ କଲ୍ୟାଣ ମଣ୍ଡପ, ସହିଦ ନଗର କଲ୍ୟାଣ ମଣ୍ଡପ, ୧୩ ନମ୍ବର ୱାର୍ଡ ଅଫିସ, ଭିଏସ୍ଏସ୍ ନଗର କଲ୍ୟାଣ ମଣ୍ଡପ ଏବଂ ଚନ୍ଦ୍ର ଶେଖରପୁର କଲ୍ୟାଣ ମଣ୍ଡପ । ଏହି ୧୦ ଗୋଟି ସ୍ଥାନରେ ୮ ହଜାରରୁ ଅଧିକ ସ୍ୱଚ୍ଛ କର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଡ୍ରାଇଭର, ହେଲପର ଆଦି ବଡା ଖାନାରେ ସାମିଲ ହୋଇଥିଲେ ।

ଭାରତୀୟ ସ୍ୱଚ୍ଛ ସର୍ବେକ୍ଷଣ ତାଲିକାର ୮୪ ନମ୍ବରରୁ ଭୁବେଶ୍ୱର ମହାନଗର ନିଗମ ୯ମ ସ୍ଥାନରେ ପହଞ୍ଚିଛି । ଏହା କେବଳ ସମ୍ଭବ ହୋଇଛି ସ୍ୱଚ୍ଛ କର୍ମୀ ଓ ଭୁବନେଶ୍ୱରବାସୀଙ୍କ ପାଇଁ । ଆଗାମୀ ଦିନରେ ବିଏମ୍ ସିକୁ ଏକ ନମ୍ବର କରିବାର ଦାୟିତ୍ୱ ମଧ ସେହି ସ୍ୱଚ୍ଛ କର୍ମୀ ଓ ଭୁବନେଶ୍ୱରବାସିଙ୍କ ପାଇଁ ସମ୍ଭବ ହୋଇପାରିବ । ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ, ସୁନ୍ଦର କରିବା ପାଇଁ ଭୁବନେଶ୍ୱରବାସୀଙ୍କ ସହଯୋଗ ଏବଂ ସ୍ୱଚ୍ଛ କର୍ମୀଙ୍କର ଅକ୍ଲାନ୍ତ ପରିଶ୍ରମ ଦ୍ୱାରା ହିଁ ସମ୍ଭବ ହୋଇପାରିବ ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ । ଭୁବନେଶ୍ୱରକୁ ସ୍ୱଚ୍ଛତା ତାଲିକାର ଏକ ନମ୍ବରରେ ରଖିବା ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି ମେୟର ।

# ସୋଆ ଏବଂ ସେରେଣ୍ଡିପିଟି ସ୍ପେସ୍ ପ୍ରାଇଭେଟ ଲିମିଟେଡ ମଧ୍ୟରେ ଏମଓୟୁ

**ଭୁବନେଶ୍ୱର,୪।୪ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱର ସ୍ଥିତ ଷ୍ଟାର୍ଟ ଅପ୍ ସେରେଣ୍ଡିପିଟି ପ୍ରାଇଭେଟ ଲିମିଟେଡ ମଧ୍ୟରେ ସୋମବାର ଏଠାରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଷ୍ଟାର୍ଟ ଅପ୍ ଅନ୍ତରୀକ୍ଷ ସକ୍ଷମ ପ୍ରଯୁକ୍ତି ଏବଂ ପ୍ଲାଟଫର୍ମ ଉନ୍ନୟନରେ ନିୟୋଜିତ ଅଟେ ଓ ଔଷଧୀୟ ସ୍ଫଟିକୀକରଣ ପାଇଁ ମୋଡ୍ୟୁଲ୍, କ୍ଲାଇନୋଷ୍ଟାଟ ଆଧାରିତ ମାଇକ୍ରୋଗ୍ରାଭିଟି ସିମ୍ୟୁଲେସନ୍ ଏବଂ ଅନ୍ତରୀକ୍ଷରେ କକ୍ଷପଥୀୟ ସ୍ଫଟିକୀକରଣ ମିଶନ୍ ଏହାର ଅନ୍ତର୍ଭୁକ୍ତ। ଗତ ଦୁଇ ଦଶନ୍ଧି ଧରି ନାସା ଦ୍ୱାରା ଶୂନ୍ୟ ଗୁରୁତ୍ୱାକର୍ଷଣରେ ସ୍ଫଟିକୀକରଣ କାର୍ଯ୍ୟ ବ୍ୟାପକ ଭାବେ ଅଗ୍ରଗତି କରିଛି ଓ ଆନ୍ତର୍ଜାତୀୟ ଅନ୍ତରୀକ୍ଷ କେନ୍ଦ୍ର (ଆଇଏସ୍ଏସ୍)ର ମାଇକ୍ରୋଗ୍ରାଭିଟି ପରିବେଶରେ ସ୍ଫଟିକ ବଢ଼ାଇବା କାର୍ଯ୍ୟ ହେଉଛି। ଏହା ଦ୍ୱାରା ପୃଥିବୀ ପୃଷ୍ଠ ତୁଳନାରେ ଅଧିକ ଉତମ ଗୁଣମାନର, ଅଧିକ ବଡ଼ ଏବଂ ଅଧିକ ସମ୍ପୂର୍ଣ୍ଣ ଭାବରେ ଗଠନ ଥିବା ସ୍ଫଟିକ ପ୍ରସ୍ତୁତ କରିବା ସମ୍ଭବ ହୋଇଥାଏ।



ନାସାର ପଦଚିହ୍ନ ଅନୁସରଣ କରି ଡିବିଟି-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍‌ସେସ୍ ଇନ୍‌କ୍ୟୁବେଟରରେ ଅବସ୍ଥିତ ସେରେଣ୍ଡିପିଟି ସ୍ପେସ ପ୍ରାଇଭେଟ ଲିମିଟେଡ୍ ଶୂନ୍ୟ ଗୁରୁତ୍ୱାକର୍ଷଣ (ଜିରୋ ଗ୍ରାଭିଟି) ପରିବେଶରେ ଅନ୍ତରୀକ୍ଷରେ ନୂତନ ସ୍ଫଟିକ ବିକାଶ କରିବାକୁ ସକ୍ଷମ ହୋଇପାରିଛି। ଏହି ପ୍ରକ୍ରିୟାରେ ପ୍ଲାବନ ଜନିତ ପ୍ରବାହ ଏବଂ ଅବସାଦନକୁ ଦୂର କରାଯାଇ ଅଧିକ ବଡ଼, ଏକ ରୂପ ଓ ଅଧିକ ଗୁଣମାନର ଉଚ୍ଚ ସ୍ଫଟିକ ଉତ୍ପାଦନ କରିବା ସମ୍ଭବ ହୁଏ। ଏହା ଦ୍ୱାରା ଔଷଧ ଫର୍ମୁଲେସନ୍‌ର ସ୍ଥିରତା, ଜୀବ-ଉପଲବ୍ଧତା ଏବଂ ସରଂଚନା-ଆଧାରିତ ଔଷଧ ପରିକଳ୍ପନାକୁ ପ୍ରୋତ୍ସାହନ ମିଳିଥାଏ। ଅପର ପକ୍ଷେ, ସୋଆ ବିଶ୍ୱବିଦ୍ୟାଳୟ କ୍ଷୁଦ୍ର ଅଣୁ ସ୍ଫଟିକୀକରଣ ପ୍ରଯୁକ୍ତିରେ ଗବେଷଣା ସାମର୍ଥ୍ୟ, ପ୍ରୟୋଗଶାଳା ଏବଂ ଦକ୍ଷତା ସ୍ଥାପନ କରିଛି। ଦୁଇ ପକ୍ଷ ପ୍ରୟୋଗଶାଳା, ସିମ୍ୟୁଲେଟେଡ ମାଇକ୍ରୋଗ୍ରାଭିଟି ଏବଂ ଅନ୍ତରୀକ୍ଷ ଯାତ୍ରା ପରିବେଶରେ କ୍ଷୁଦ୍ର ଅଣୁଗୁଡ଼ିକୁ ନେଇ ସ୍ଫଟିକୀକରଣ ପରୀକ୍ଷାରେ ସହଯୋଗ କରିବାକୁ ଉଦ୍ଦେଶ୍ୟ ରଖିଛନ୍ତି। ଦୁଇ ସଂସ୍ଥା ଆପଣା ପୂରକ ଦକ୍ଷତାକୁ କାର୍ଯ୍ୟରେ ଲଗାଇ ନୂତନ ଔଷଧ ଉତ୍ପାଦ ବିକାଶ ପାଇଁ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ସୋଆ ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ପ୍ରଫେସର ଭାରତ ଭୂଷଣ ସୁବୁଦ୍ଧି କହିଛନ୍ତି। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ସେରେଣ୍ଡିପିଟି ସ୍ପେସ୍ ପ୍ରାଇଭେଟ ଲିମିଟେଡ୍‌ର ସିଇଓ ଅନ୍ତରୀକ୍ଷ ପରିଚ୍ଛା ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଶ୍ରୀ ପରିଚ୍ଛା କହିଥିଲେ ଯେ ପୃଥିବୀ ପୃଷ୍ଠରେ କରାଯାଉଥିବା ପ୍ରକ୍ରିୟା ତୁଳନାରେ ଅଧିକ ବଡ଼, ଅଧିକ ଶୁଦ୍ଧ ଏବଂ ଅଧିକ ସୁସଂଗଠିତ ପ୍ରୋଟିନ୍ ସ୍ଫଟିକ ଏବଂ ମୋଲିକ୍ୟୁଲାର ଷ୍ଟ୍ରକ୍‌ଚର ଉନ୍ନତ ମାନର ଔଷଧ ଫର୍ମୁଲେସନ୍, ନୂତନ ଔଷଧ ପ୍ରଦାନ ବ୍ୟବସ୍ଥା ଏବଂ କ୍ୟାନ୍ସର ଭଳି ରୋଗର ଚିକିତ୍ସା ନିମନ୍ତେ ସହାୟତା କରିବ। ସେ କହିଥିଲେ ଯେ ମାଇକ୍ରୋଗ୍ରାଭିଟି ପରିବେଶ ଅଧିକ ସ୍ଥିର ସ୍ଫଟିକୀୟ ଔଷଧ ବିକାଶରେ ସହାୟତା କରିଥାଏ।

# ଜଳ ଉପଯୋଗିତା ପାଇଁ ଜାତୀୟସ୍ତରରେ ପଡୁଆ ପଂଚାୟତ ସମ୍ମାନିତ

**ଭୁବନେଶ୍ୱର,୪।୪ (ମହାଭାରତ):** ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ଗ୍ରାମପଞ୍ଚାୟତକୁ ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା 'ଜଳ-ପର୍ଯ୍ୟାପ୍ତ ପଞ୍ଚାୟତ' ବର୍ଗ ଅଧୀନରେ ପ୍ରତିଷ୍ଠିତ ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି।

ଏହି ଜାତୀୟସ୍ତର ମାନ୍ୟତା ଜଳ ସୁରକ୍ଷା, ଦକ୍ଷ ସମ୍ବଳ ପରିଚାଳନା ଏବଂ ସାମୁଦାୟିକ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ତୃଣମୂଳସ୍ତରରେ ଗ୍ରହଣ କରାଯାଇଥିବା ନିରନ୍ତର ଏବଂ ଫଳାଫଳ-ଭିତ୍ତିକ ପ୍ରୟାସକୁ ବିଚାରକୁ ନେଇ ମନୋନୟନ କରାଯାଏ। ପଡୁଆ ଗ୍ରାମପଞ୍ଚାୟତ ବିକେନ୍ଦ୍ରୀକୃତ ଯୋଜନା, ଜଳ ସଂରକ୍ଷଣ ପଦକ୍ଷେପର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱ ହାସଲ କରିବା ପାଇଁ ବିଭିନ୍ନ ଯୋଜନାର ସମନ୍ୱୟର ଏକ ଦୃଢ଼ ମଡେଲ ପ୍ରଦର୍ଶନ କରିଥିବା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି।

କେନ୍ଦୁଝର ଜିଲ୍ଲା ପ୍ରଶାସନ ଗ୍ରାମପଞ୍ଚାୟତ ଦଳ, ସ୍ଥାନୀୟ ଅଂଶୀଦାର ଏବଂ ଚମ୍ପୁଆ ବ୍ଲକ ପ୍ରଶାସନର ଉତ୍ସର୍ଗୀକୃତ ପ୍ରୟାସ ପାଇଁ ସାଧୁବାଦ ଜଣାଇଛି। ପ୍ରଶାସନ ମଧ୍ୟ ସମ୍ପ୍ରଦାୟର ସକ୍ରିୟ ଅଂଶଗ୍ରହଣକୁ ସ୍ୱୀକାର କରିଛି, ଯେଉଁମାନଙ୍କ ଅଂଶଗ୍ରହଣ ଏବଂ ମାଲିକାନା ଜଳ ପର୍ଯ୍ୟାପ୍ତତା କ୍ଷେତ୍ରରେ ପଡୁଆକୁ ଏକ ମଡେଲ ପଞ୍ଚାୟତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେମାନଙ୍କର ମିଳିତ ଆଭିମୁଖ୍ୟ, କ୍ଷେତ୍ରସ୍ତରୀୟ ନେତୃତ୍ୱ ଏବଂ ଗ୍ରାମୀଣ ଜୀବିକା ନିର୍ବାହରେ ଉନ୍ନତି ଆଣିବା ପାଇଁ ପ୍ରତିବଦ୍ଧତା ଏହି ମାଇଲଖୁଣ୍ଟ ହାସଲ କରିବାରେ ସହାୟକ ହୋଇଛି ବୋଲି ଜିଲ୍ଲାପାଳ ବିଶାଳ ସିଂହ କହିଛନ୍ତି।

ଏହି ସଫଳତା କେବଳ ଚମ୍ପୁଆ ବ୍ଲକକୁ ଗୌରବ ଆଣିନାହିଁ ବରଂ ଜିଲ୍ଲାର ଅନ୍ୟ ପଞ୍ଚାୟତଗୁଡ଼ିକ ପାଇଁ ସ୍ଥାୟୀ ବିକାଶ ଏବଂ ପ୍ରାକୃତିକ ସମ୍ପଦ ପରିଚାଳନାରେ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଅନୁକରଣ କରିବା ପାଇଁ ଏକ ମାନକ ସ୍ଥାପନ କରିଛି। ଜିଲ୍ଲା ପ୍ରଶାସନ ଏପରି ପଦକ୍ଷେପଗୁଡ଼ିକୁ ଅଧିକ ମଜବୁତ କରିବା ଏବଂ କେନ୍ଦୁଝରରେ ସଫଳ ମଡେଲଗୁଡ଼ିକୁ ବୃଦ୍ଧି କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛି, ଯାହା ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଗ୍ରାମୀଣ ବିକାଶ ସୁନିଶ୍ଚିତ କରିବ।

# ୭୮ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜି ପଦକ

**ଭୁବନେଶ୍ୱର,୪।୪ (ମହାଭାରତ):** ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ବୁଧବାର ଦିନ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୭୮ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପଦକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଡିଜିପି ଏହି ପଦକ ପ୍ରଦାନ କରିଛନ୍ତି।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅଭିଯାନ) ଶ୍ରୀ ସଂଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଶ୍ରୀମତୀ ଏସ. ସାଇନି , ଆଇଜିପି (ଅପରେସନ) ଡଃ ଦୀପକ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ଡଃ ସାର୍ଥକ ଷଡଙ୍ଗୀ, ଡିଆଇଜିପି (ସ୍ୱତନ୍ତ୍ର ଗୁଇନ୍ଦା ଶାଖା) ଶ୍ରୀ ଅଖିଳେଶ୍ୱର ସିଂ, ଡିସିପି (ଭୁବନେଶ୍ୱର) ଶ୍ରୀ ଜଗମୋହନ ମୀନା, ଡିସିପି (କଟକ) ଶ୍ରୀ ଖିଲାରୀ ରଷିକେଶ ଦ୍ୟାନଦେଓ, ଏସପି (ସ୍ପେଶାଲ ବ୍ରାଞ୍ଚ) ଶ୍ରୀ ସୁନିଲ କୁମାର ନନ୍ଦ, ଏସପି (ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବୈରୀ) ଶ୍ରୀ ଅଶୋକ କୁମାର ଦେହୁରୀଙ୍କ ସମେତ ଏସଓଜିର ୨୯ ଜଣ, ସ୍ପେଶାଲ ବ୍ରାଞ୍ଚର ୭ ଜଣ, ଏସଆଇଡବ୍ଲୁର ୧୦ ଜଣଙ୍କ ସମେତ ଅନ୍ୟାନ୍ୟ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଡିଜିପି ପଦକ ପ୍ରଦାନ କରିଥିଲେ।

ଏଥିସହିତ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ରାଜ୍ୟର ସର୍ବଶ୍ରେଷ୍ଠ ପୋଲିସ ଥାନା ଭାବେ ପୁରସ୍କୃତ ହୋଇଥିବା ଗଞ୍ଜାମ ଜିଲ୍ଲାର ବଡଗଡ ଥାନାର ଇନ୍ସପେକ୍ଟର ଶ୍ରୀ ବିମଳ କୁମାର କଅଁରଙ୍କୁ ଡିଜିପି ପଦକ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ, ପୋଲିସ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।

# ବିକଶିତ ଓଡ଼ିଶା ଗଠନ ପାଇଁ ସାମୁହିକ ପ୍ରୟାସ ଜରୁରୀ

**ଭୁବନେଶ୍ୱର,୪।୪ (ମହାଭାରତ):** ମୂଲ୍ୟବୋଧ ଆଧାରିତ 'ବିକଶିତ ଓଡ଼ିଶା' ଗଠନ ପାଇଁ ସାମୂହିକ ପ୍ରୟାସ କରିବାକୁ ରାଜ୍ୟପାଳ ଡ . ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ବୁଧବାର ଦିନ ଲୋକଭବନର ନୂତନ ଅଭିଷେକ ହଲ୍ ଠାରେ ଆୟୋଜିତ ଓଡିଶା ଦିବସ ପାଳନ ସମାରୋହରେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଯେ, ପ୍ରକୃତ ବିକାଶ ଭୌତିକ ଭିତ୍ତିଭୂମି ଏବଂ ଆର୍ଥିକ ଅଭିବୃଦ୍ଧିଠାରୁ ଅଧିକ ଏବଂ ସମାଜରେ ସାଧୁତା, କରୁଣା, ଶୃଙ୍ଖଳା ଏବଂ ଦାୟିତ୍ୱବୋଧରେ ପ୍ରତିଫଳିତ ହେବା ଉଚିତ। ଓଡ଼ିଶା ଦିବସ ଅବସରରେ ରାଜ୍ୟପାଳ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ଏହି ଅବସରକୁ ଓଡ଼ିଶାର ସହଭାଗୀ ପରିଚୟ, ଏକତା ଏବଂ ସ୍ଥାୟୀ ଆତ୍ମାର ଉତ୍ସବ ଭାବରେ ବର୍ଣ୍ଣନା କରିଛନ୍ତି। ରାଜ୍ୟର ପ୍ରଥମ ମହିଳା ଡ .ଜୟଶ୍ରୀ କମ୍ଭମପାଟି ଏହି ଅବସରରେ ଉପସ୍ଥିତ ଥିଲେ ।ଓଡିଶାର ସମୃଦ୍ଧ ପ୍ରାକୃତିକ ଶୋଭା ସମ୍ପଦ ଉପରେ ଆଲୋକପାତ କରି ରାଜ୍ୟପାଳ କହିଛନ୍ତି ଯେ, ରାଜ୍ୟ ବିସ୍ତୀର୍ଣ୍ଣ ସ୍ପନ୍ଦନଶୀଳ ଉପକୂଳ, ଘନ ଜଙ୍ଗଲ, ନଦୀ ଏବଂ ଉର୍ବର ସମତଳ ଭୂମିର ଏକ ଅନନ୍ୟ ସଙ୍ଗମକୁ ପ୍ରତିନିଧିତ୍ୱ କରେ - ଯାହା ପ୍ରକୃତି ଏବଂ ମାନବ ଜୀବନ ମଧ୍ୟରେ ଏକ ସୁସଜ୍ଜିତ ସହାବସ୍ଥାନର ପ୍ରତୀକ। ଓଡ଼ିଶାର ଐତିହାସିକ ଯାତ୍ରାକୁ ସ୍ମରଣ କରି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ଯେ , ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ରାଜ୍ୟ ଗଠନ ଏକ ଦୀର୍ଘ ଏବଂ ଦୃଢ଼ ସଂଘର୍ଷର ପରିଣାମ ଥିଲା। ରାଜ୍ୟପାଳ କହିଛନ୍ତି ଯେ, ଏହାର ମହାନ ନେତୃବୃନ୍ଦ ଭାରତର ସ୍ୱାଧୀନତା ପାଇଁ ଆନ୍ଦୋଳନ କରିବା ସହିତ ବିଭିନ୍ନ ପ୍ରଦେଶର ଶାସନ ଅଧୀନରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକୀକରଣ ପାଇଁ ମଧ୍ୟ ଲଢ଼ିଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କୃଷ୍ଣ ଚନ୍ଦ୍ର ଗଜପତି, ନୀଳକଣ୍ଠ ଦାସ, ଗୌରୀଶଙ୍କର ରାୟ, ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ , ଫକୀର ମୋହନ ସେନାପତିଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ଯେଉଁ ମାନେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ରାଜ୍ୟପାଳ ଓଡ଼ିଶାର ସମୃଦ୍ଧ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ମଧ୍ୟ ଆଲୋକପାତ କରି ଉଲ୍ଲେଖ କରିଥିଲେ ଯେ , ମହାପ୍ରଭୁ ଜଗନ୍ନାଥଙ୍କ ପରମ୍ପରା ଅନ୍ତର୍ଭୁକ୍ତି, ସମାନତା ଏବଂ ବିଶ୍ୱ ଭ୍ରାତୃତ୍ୱକୁ ପ୍ରତିପାଦିତ କରିଥାଏ ।ସ୍ୱାଧୀନତା ପରଠାରୁ ରାଜ୍ୟର ସେବା କରି ଭିତିଭୂମି ଏବଂ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବାରେ ସମସ୍ତ ସରକାରଙ୍କ ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ରାଜ୍ୟକୁ ପ୍ରଗତିଶୀଳ ପଥରେ ଆଗେଇ ନେଉଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବର୍ତମାନର ସରକାରଙ୍କୁ ପ୍ରଶଂସା କରିଥିଲେ। ନାଗରିକମାନଙ୍କୁ ସୁଲଭ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷା ଏବଂ ସ୍ୱଚ୍ଛ ଶାସନ ସହିତ ଏକ ଅପରାଧମୁକ୍ତ, ନିଶାମୁକ୍ତ ଏବଂ ଅନ୍ଧବିଶ୍ୱାସମୁକ୍ତ ଓଡ଼ିଶା ଗଠନ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଓଡ଼ିଆ ଭାଷା, ସଂସ୍କୃତି ଏବଂ ମୂଲ୍ୟବୋଧକୁ ସଂରକ୍ଷଣ କରି ନବସୃଜନ ସହିତ ନେତୃତ୍ୱ ନେବାକୁ ଏବଂ ରାଜ୍ୟ ପାଇଁ ଏକ ସମାବେଶୀ ,ସୁରକ୍ଷିତ ଏବଂ ସମୃଦ୍ଧ ଭବିଷ୍ୟତ ଗଠନ କରିବାରେ ଯୋଗଦାନ ଦେବାକୁ ରାଜ୍ୟପାଳ ଯୁବପିଢ଼ୀଙ୍କୁ ଆହ୍ୱାନ ଜଣାଇଥିଲେ।

# ସଂରକ୍ଷଣ ବ୍ୟବସ୍ଥା

ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଭାରତରେ ଦୀର୍ଘ ବର୍ଷ ହେବ ବିବାଦ ଓ ବିତର୍କ ଚାଲିଆସିଛି। ଏବେ ସଂଖ୍ୟାଲଘୁ ବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ବିବାଦକୁ ନୂଆ ମୋଡ଼ ଦେଇଛି। ସେହିପରି ଜାତିଭି□କ ଜନଗଣନା ମଧ୍ୟ ନିଆଁରେ ଘିଅ ଢାଳିବା ପରି ହୋଇଛି। ସମ୍ବିଧାନରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ନିମନ୍ତେ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ ସମ୍ବିଧାନରେ ଏହା ଏକ ଅସ୍ଥାୟୀ ବ୍ୟବସ୍ଥା ଭାବେ ରହିଛି। କିଛି ବର୍ଷ ମଧ୍ୟରେ ଯେତେବେଳେ ସଂରକ୍ଷିତ ବର୍ଗର ଲୋକେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଯିବେ ଏବଂ ସେମାନଙ୍କର ଆର୍ଥିକ ତଥା ସାମାଜିକ ସ୍ଥିତିରେ ଉନ୍ନତି ଆସିବ ଏବଂ ସେମାନେ ଅନ୍ୟ ଉଚ୍ଚ ବର୍ଗର ଲୋକଙ୍କ ସହ ସମାନ ବୋଲି ଅନୁଭବ କରାଯିବ, ସେତେବେଳେ ଏହି ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯିବ ବୋଲି ସମ୍ବିଧାନରେ ରହିଛି। କିନ୍ତୁ ସଂରକ୍ଷଣ ବ୍ୟବସ୍ଥା କିଛି ବର୍ଗର ଲୋକଙ୍କ ପାଇଁ ଏତେ ଅନୁକୂଳ ହୋଇଯାଇଛି ଯେ, ସେମାନେ ଏହାର ପ୍ରତ୍ୟାହାର କଥା ଶୁଣିଲେ ଚିହିଁକି ଉଠୁଛନ୍ତି। ସେମାନେ ଚାହୁଁଛନ୍ତି ଯେ, ଏହା ଅନନ୍ତ କାଳ ପର୍ଯ୍ୟନ୍ତ ଚାଲିଥାଉ। କୌଣସି ଦଳର ସତସାହସ ନାହିଁ ଯେ, ସଂରକ୍ଷଣ ବ୍ୟବସ୍ଥାର ପ୍ରତ୍ୟାହାର ସମ୍ପର୍କରେ କହିବେ। ସବୁ ଦଳ ତୁଷ୍ଟିକରଣ ରାଜନୀତିରେ ମାତିଛନ୍ତି। ଯିଏ ସଂରକ୍ଷଣ ବ୍ୟବସ୍ଥା ହଟାଇବାକୁ ଦାବି କରିବ ଏବଂ କ୍ଷମତାକୁ ଆସିଲେ ଏହାକୁ ପ୍ରତ୍ୟାହାର କରିବ ବୋଲି କହିବ, ସେ ସଂରକ୍ଷିତ ବର୍ଗର ଭୋଟ ପାଇବ ନାହିଁ। ତା ଛଡ଼ା ଏହି ବର୍ଗର ସାଂସଦ ତଥା ବିଧାୟକମାନେ ଏଭଳି ପ୍ରସ୍ତାବକୁ ସଂସଦ ଓ ବିଧାନସଭାରେ ତୀବ୍ର ବିରୋଧ କରିବେ। ତେଣୁ ସଂରକ୍ଷଣ ବ୍ୟବସ୍ଥା ଭାରତରୁ ହଟିବ ଏକଥା ଚିନ୍ତା ବାହାରେ। କିଛି ବର୍ଷ ତଳେ ସୁପ୍ରିମକୋର୍ଟ ଏସଟି/ଏସଟି ଅତ୍ୟାଚାର ନିରୋଧ ଆଇନରେ ସାମାନ୍ୟ ସଂଶୋଧନ ନିମନ୍ତେ ପ୍ରସ୍ତାବ ଦେଲେ। କେବଳ ଅଭିଯୋଗ ଆସିଲେ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବନି, ଜଣେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରି ଅଭିଯୋଗର ପ୍ରାଥମିକ ପ୍ରମାଣ ରହିଛି ବୋଲି ରିପୋର୍ଟ ଦେଲେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଲେ। ଉଦ୍ଦେଶ୍ୟ ଥିଲା ଏସଟି/ଏସସି ଅତ୍ୟାଚାର ନିରାକରଣ ଆଇନର ଦୁରୂପଯୋଗ ନହେଉ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ବିରୋଧରେ ଦେଶବ୍ୟପୀ ହିଂସାତ୍ମକ ଆନ୍ଦୋଳନ ହେଲା। ଫଳରେ ସୁପ୍ରିମକୋର୍ଟଙ୍କ ଏହି ରାୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିରୁ ଅନୁମାନ କରାଯାଇପାରେ ଯଦି ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦୂର କଥା, ଯଦି ଏହାକୁ ହ୍ରାସ କରିବା ପାଇଁ ମଧ୍ୟ କୁହାଯିବ ତେବେ ଭାରତରେ କିଭଳି ହିଂସାକାଣ୍ଡ ସୃଷ୍ଟି ହେବ। ନବେ ଦଶକ ପ୍ରାରମ୍ଭରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି ପି ସିଂହ ମଣ୍ଡଳ କମିଶନଙ୍କ ସୁପାରିସ ଆଧାରରେ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ୨୭% ସ୍ଥାନ ସଂରକ୍ଷଣ କରିବାକୁ ନିଷ୍ପ□ ନେଲେ। ଏହା ବିରୋଧରେ ସାରା ଦେଶରେ ଭୟଙ୍କର ଆନ୍ଦୋଳନ ହେଲା। ଅନେକ ଯୁବକ ଯୁବତୀ ପ୍ରାଣ ହରାଇଲେ। ତଥାପି ସରକାର କେବଳ ଭୋଟ ରାଜନୀତି ପାଇଁ ନିଜ ଯିଦରେ ଅଟଳ ରହିଲେ। ଶେଷରେ ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କାଏମ ରହିଲା। ସମ୍ବିଧାନରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି ଯେ, କୌଣସି ପରିସ୍ଥିତିରେ ବି ମୋଟ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତରୁ ଅଧିକ ହେବ ନାହିଁ। କିନ୍ତୁ କିଛି ରାଜନୈତିକ ଦଳ ଏବେ ଓବିସି ବର୍ଗଙ୍କ ସଂଖ୍ୟା ଦୃଷ୍ଟିରୁ ସଂରକ୍ଷଣ ବ୍ୟବସ୍ଥାକୁ ୫୦%ରୁ ଅଧିକ କରିବା ନିମନ୍ତେ ଦାବି କରୁଛନ୍ତି। ଅର୍ଥାତ ଓବିସି ବର୍ଗଙ୍କ ପାଇଁ ୨୭%ରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା ହେଉ ବୋଲି ସେମାନେ ଦାବି କରୁଛନ୍ତି। ଏଥିପାଇଁ କେତେକ ରାଜ୍ୟରେ ଓବିସି ଜନଗଣନା ଆରମ୍ଭ ହୋଇଛି। ଜାତିଭି□କ ଜନଗଣନା ପାଇଁ ବିଭିନ୍ନ ରାଜନୈତିକ ଦଳ ଦାବି କରୁଛନ୍ତି।

# 'କୋଟା'ର କଣ୍ଟା ଓ ସ୍ୱପ୍ନର ସମାଧି

॥ ଡାକ୍ତର ସମ୍ରାଟ କର ॥

“ ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ।

ଗଲା ଅଗଷ୍ଟ ୧୫ ତାରିଖରେ ରାଜସ୍ଥାନର କୋଟା ସହରରେ ପୁନର୍ବାର ଜଣେ ଅଠର ବର୍ଷର ତରୁଣ ଆତ୍ମହତ୍ୟା କରିଛନ୍ତି ଯାହା ସହିତ କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ଛାତ୍ର ଜଣକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଲାଗି କୋଚିଂ ନେବାକୁ ଏହି ସହରରେ ପାଦ ଦେଇଥିଲେ।' - ବଡ଼ ବ୍ୟସ୍ତଭରା କଣ୍ଠରେ ଏକାସ୍ୱରରେ କହିଗଲେ ମୋ କ୍ଷୀପ୍ରଲିପ ଅନୁଜ ପ୍ରତୀମ ଶ୍ରୀକାନ୍ତ। ମୁଁ ତାଙ୍କ ବ୍ୟସ୍ତତା ଓ ବର୍ତ୍ତମାନର କୋଟାରେ ଆଶାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟ ରଖି ସବୁ ଜାଣି ପାରି କହିଲି କଥା ଆଜିର ନୁହଁ। ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା। ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ। ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ ବଢ଼ିଲା। ଅନେକ କ୍ୟାଣ୍ଟିନ ବି ଖୋଲିଲା। ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲେ। ସମସ୍ତଙ୍କ ଟାର୍ଗେଟରେ ରହିଲେ ୧୫-୧୬ ବର୍ଷର ଛାତ୍ରଛାତ୍ରୀ।

ବାସ୍ତବ କଥା ହେଉଛି କୋଟା ବାରୁଦଗଦା ଉପରେ ଅବସ୍ଥିତ। ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ। ମୃତ ଶୈଶବ ଉପରେ ଠିଆ ହୋଇଛି ସହର। ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ। ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁଟିନ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ। ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ। ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା କରିବା ବନ୍ଦ କରିଦେଲେ। ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୁରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ କରାଯାଉଛି। ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି।

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ। ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ। ଏହାର କାରଣ କଣ ?

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମୁଷ୍ଟିମେୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ କିନ୍ତୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ବିଧ୍ୱସ୍ତ କରୁଥିବା ପିଲାମାନ ସେମାନଙ୍କ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି, ଯାହା ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରଛାତ୍ରୀମାନେ ମଧ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୁଅନ୍ତି। ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମ ପନ୍ଥା ବାଛି ନେବାକୁ ବାଧ୍ୟ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧି ସ୍ଥଳରେ ଉପସ୍ଥିତ ଏହି ଛାତ୍ରଛାତ୍ରୀମାନେ ପରିବାର ଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତ ଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନ କରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ଦୁଇ ଲକ୍ଷରୁ ଆରମ୍ଭ କରି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ। ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ।

ମୂଳକଥା ହେଉଛି ଆଜିର ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ଚିନ୍ତା କରି କ୍ୟାରିୟର ମନସ୍କ ହୁଅନ୍ତି। କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ କାରଣ ଜୀବନଟି ଖୁବ ଲମ୍ବା। ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳୀଦାନ ଦେବା ଉଚିତ କି ? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ। କାରଣ ଅତ୍ୟଧିକ ଚାପ ଜଣକୁ ବ୍ୟସ୍ତ ବିବ୍ରତ କରିଦେଇଥାଏ ଏବଂ ଏହା ମାନସିକ ଏକାଗ୍ରତା ପାଇଁ ମଧ ବାଧକ ଆଉ ଏହି ଚାପ ଜନିତ କାରଣ ପାଇଁ ଜଣେ ନାଁ ଠିକ ଭାବେ ଖାଇପାରେ ନାଁ ଠିକ ଭାବେ ବିଶ୍ରାମ ନେଇପାରେ। ସେମାନେ ଏକ ପ୍ରକାର ବିଚିତ୍ର ତ୍ରିଶଙ୍କୁ ଭିତରେ ଝୁଲିଲା ପରି ମାନସିକ ଅବସାଦ ଭିତରକୁ ଠେଲି ହୋଇଯାଆନ୍ତି ଏବଂ ଅନେକ କ୍ଷେତ୍ରରେ ଦୁର୍ଭାଗ୍ୟକୁ ସେମାନଙ୍କର ମାନସିକ କ୍ଷେତ୍ରକୁ ଆଶ୍ୱାସନା, ପ୍ରବୋଧନା ଦେବା ପାଇଁ ପାଖ ଲୋକ ଜଣେ କେହି ନଥାଏ। ତେଣୁ ଏପରି ସମୟରେ କେବଳ ମନସ୍ତତ୍ତ୍ୱବିତଙ୍କ ପଇଁ ନୁହଁ ଅଭିଭାବକମାନଙ୍କ ସହ ଶିକ୍ଷାବିତ, ବୁଦ୍ଧିଜୀବୀ ସର୍ବୋପରି ଏହି ତଥାକଥିତ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ଓ ସଂସ୍ଥାପକ ମାନଙ୍କର ଗୁରୁଦାୟିତ୍ୱ ରହିଛି। କୋମଳମତି ଛାତ୍ରଛାତ୍ରୀମାନେ କାରୁଣ୍ୟର ଅସୁମାରୀ ସ୍ୱପ୍ନ ଚରିତାର୍ଥ କରିବା ପାଇଁ ନିଶ୍ଚିନ୍ତ ଉପଲବ୍ଧି ହାସଲ ନହେଲେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ। ପିଲାମାନେ କୌଣସି ପ୍ରକାର ମାନସିକ ଅବସାଦର ଶିକାର ହେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଅନୁଚିନ୍ତନରେ ଦେବଭାଷା ସଂସ୍କୃତ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପ୍ରତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ । ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା । ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି । ଏହି ଭାଷା ଏବେ ବିଲୁପ୍ତ ପ୍ରାୟ । ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧ୍ୟରେ ସୀମିତ । ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାଟ୍ଟୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ । ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି । ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼ । ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାଟ୍ଟୁର୍ ଗାଁକୁ । ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ । ସ୍ଥାନୀୟ ଲୋକେ ମଧ ଆଗ୍ରହରେ ତାହା ଗ୍ରହଣ କଲେ । ଏମିତି ଜଣେ ଅନ୍ୟକୁ ଶିଖାଇଲା । ପିଲାମାନେ ବି ଶିଖିଲେ । କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ । ମାଟ୍ଟୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି । ପୁଣି ମଧ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ । ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି ।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି । ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡ୍ୟୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି । ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ । ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ । ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ । ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ । ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନାଁ ବିଭାଗ ଅଛି ନାଁ କର୍ମବୃତ୍ତି । ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି । ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍ । ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା । ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି । ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା । ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ । ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ । ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି । କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ । ଆସନ୍ତୁ ଆଜିପରି ଏକ ଅନୁଚିନ୍ତନର ଦିବସରେ ସଂସ୍କୃତର ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ । ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା । ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା। ଏପରିକି ଇଂରାଜୀ ଭାଷା ମଧ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନର୍ଭର କରେ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଦ୍ରୁତ ଗତିରୁ ହିଁ ବଢ଼ୁ ସଡ଼କ ଦୁର୍ଘଟଣା

॥ ଅଭୟ କୁମାର ଦାସ ॥

ଦ୍ରୁତଗତି ମହାବିପତ୍ତି। ଦ୍ରୁତଗତିରେ ଗାଡ଼ି ଚାଳନା କଲେ ଦୁର୍ଘଟଣା ନିଶ୍ଚିନ୍ତ ଓ ଜୀବନ ସଙ୍କଟାପନ୍ନ ସୁନିଶ୍ଚିତ। ତେବେ ଏନେଇ ରାଜ୍ୟ ସରକାର ସବୁବେଳେ ଚିନ୍ତା ପ୍ରକଟ କରୁଛନ୍ତି ଓ ଓଡ଼ିଶା ଏକ ଦୁର୍ଘଟଣା ପ୍ରବଳ ରାଜ୍ୟ ହୋଇଥିଲେ ବି ସରକାରଙ୍କ ବ୍ୟାପକ ସଚେତନତା ପାଇଁ କିଛିକାଂଶରେ ଦୁର୍ଘଟଣା ହ୍ରାସ ପାଉଛି। ନିକଟରେ ଏକ ସରକାରୀ ପରିସଂଖ୍ୟନର ତଥ୍ୟ ଅନୁଯାୟୀ ଦ୍ରୁତଗତିରୁ ଓଡ଼ିଶାରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଛି। ଗଲା ୧୦ ବର୍ଷ ରାଜ୍ୟରେ ପ୍ରାୟ ୪୫ ହଜାର ବ୍ୟକ୍ତିଙ୍କ ମୁଣ୍ଡ ଗଡ଼ିଲାଣି। ଯେଉଁଥିରୁ ୭୦% ହେଉଛନ୍ତି ଯୁବପିଢ଼ି। ଦୁର୍ଘଟଣାପ୍ରବଣ ଜିଲ୍ଲା ହେଉଛି ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା। ଦୁର୍ଘଟଣାର ଏହି ବର୍ଦ୍ଧିତ ଗ୍ରାଫକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଚିନ୍ତା ପ୍ରକଟ କରିଛନ୍ତି। ସଡ଼କ ସୁରକ୍ଷାଜନିତ ଯୋଜନା, ସଚେତନତା ଓ ଅଭିଯାନକୁ ଆହୁରି କ୍ରିୟାଶୀଳ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମିଳିଛି।

ନିକଟରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଆମ ଦେଶର ମୋଟରଯାନ ସଂଖ୍ୟା ସାରା ବିଶ୍ୱ ତୁଳନାରେ ମାତ୍ର ଏକ ପ୍ରତିଶତ। କିନ୍ତୁ ସର୍ବାଧିକ ୧୧ ଭାଗ ସଡ଼କ ଦୁର୍ଘଟଣା ଆମ ଦେଶରେ ଘଟୁଛି। ୨୦୨୨ରେ ୧.୪ ଲକ୍ଷ ଲୋକ ଦୁର୍ଘଟଣାରୁ ମରିଥିଲେ। ପ୍ରତି ଘଣ୍ଟାରେ ହାରାହାରି ୧୬ଜଣଙ୍କ ମୁଣ୍ଡ ଗଡୁଛି। ଚିନ୍ତାର ବିଷୟ ଯେ ଓଡ଼ିଶାରେ ଶହେ ଦୁର୍ଘଟଣାରୁ ୪୮ ଜଣ ମରୁଥିବା ବେଳେ ଜାତୀୟ ସ୍ତରରେ ଏହା ୩୬ରେ ସୀମିତ। ୨୦୨୩ ଜାନୁଆରୀରୁ ଜୁନ ଭିତରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବଢ଼ିଛି। ୨୦୨୩ରେ ୬୨୭୨ ଦୁର୍ଘଟଣାରୁ ୨୯୯୧ ଜଣଙ୍କ ପ୍ରାଣ ଯାଇଥିବାବେଳେ ୨୦୨୨ ମୋଟ ୨୮୪୯ ଜଣ ମରିଥିଲେ। ୨୦୨୨ ମସିହାରେ ୫୪୬୭ ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ହେଲମେଟ ନ ପିନ୍ଧିବାରୁ ୧୬୯୫ ଜଣ ବାଇକ ଆରୋହୀଙ୍କ ପ୍ରାଣ ଯାଇଛି। ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ପାଇଁ ୧୪୫ କୋଟି ଟଙ୍କାର ବଜେଟ ବନାଯାଇଛି। ରାସ୍ତା ପାର୍ଶ୍ୱ ଗ୍ରାମାଞ୍ଚଳରୁ ଅତିକମରେ ୧୦ଜଣ ବ୍ୟକ୍ତିଙ୍କୁ ଦୁର୍ଘଟଣାଜନିତ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ବିଶେଷଜ୍ଞମାନେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଆବଶ୍ୟକ। ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଢ଼ାଯାଇଛି। ସେମାନଙ୍କୁ ଫାଷ୍ଟ ରେସପୋଣ୍ଡର ଟ୍ରେନିଂ ଦିଆଯାଉଛି। ବ୍ଲାକ ସ୍ପଟକୁ ସର୍ଭେ କରାଯାଇ ତ୍ରୁଟି ସୁଧରାଯାଉଛି। ରୋଡ଼ ସାଇନେଜ ଅଡ଼ିଟ କରାଯାଉଛି। ଇଣ୍ଟେଲିଜେଣ୍ଟ ଟ୍ରାଫିକ ପରିଚାଳନାରେ ଇ-ଡିଟେକ୍ସନ ଯୋଗେ ଅମାନିଆ ସାବାଡ଼ ହେଉଛନ୍ତି। ସିସିଟିଭି ସଂଯୋଗ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ହେଉଛି। ପରିବହନ ଆୟୁକ୍ତଙ୍କ କହିବାନୁଯାୟୀ ୨୦୨୩ ଜାନୁଆରୀରୁ ଜୁନ ଭିତରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୯୭ଟି ଦୁର୍ଘଟଣା ଘଟିଛି। ସୁନ୍ଦରଗଡ଼ରେ ୪୫୩, କଟକରେ ୪୦୪, କେନ୍ଦୁଝରରେ ୪୦୩, ଗଞ୍ଜାମରେ ୩୮୬ ଦୁର୍ଘଟଣା ହୋଇଛି। ଯାନବାହନର ଅତ୍ୟଧିକ ବେଗ, ନିଶାସକ୍ତ ହୋଇ ଗାଡ଼ିଚାଳନା, ବିପରୀତ ପାର୍ଶ୍ୱରେ ଗାଡ଼ି ଚାଳନା, ମୋବାଇଲ ଫୋନ ଧରି ଗାଡ଼ି ଚଳାଇବାରୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ଏହାର ଦୁଇଗୁଣା ଆହତ ହେଉଛନ୍ତି। ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ମୃତାହତଙ୍କ ସଂଖ୍ୟା ମଧ ଅଧିକ। ସହର ଭିତରେ ଥିବା ଛକ ଭଳି ରାଜପଥରେ ଟ୍ରାଫିକ ନିୟମ ଉଲ୍ଲଘଂନକାରୀଙ୍କୁ ଅଟକାଇ ଯାଞ୍ଚ କରିବା ସମ୍ଭବ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସୂଚନା ପ୍ରଯୁକ୍ତିକୁ ଉପଯୋଗ କରି ରାଜପଥ ଉପରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି।

ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

## ବ୍ଲକ ପ୍ରଶାସନ ପକ୍ଷରୁ ଅଗ୍ନି ବିପନ୍ନ ପରିବାରଙ୍କୁ ସହାୟତା



ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ତେଣ୍ଡାବାଡି ଗ୍ରାମ ପଞ୍ଚାୟତ କୁସୁମଗାଡ଼ିଆ ଗ୍ରାମରେ ଦୁଇ ଦିନ ତଳେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ଶରତ କୁମାର ମଳିକ,ପୋଖରୀଗୋଛା ସମିତି ସଭ୍ୟ ବାପୁଜୀ ସାହୁ, ପ୍ରମୁଖ ବିପନ୍ନ ପରିବାର ଙ୍କୁ ସହାୟତା ପ୍ରଦାନ କରିଥିଲେ। ସୂଚନା ଅନୁସାରେ ସୁମତି ମଳିକ ଓ ତୁଳସୀ ଯାନିଙ୍କ ଘର ସହିତ ସମସ୍ତ ଜିନିଷ ପତ୍ର ଜଳିପୋଡି ପାଉଁଶ ହୋଇଯାଇଥିବା ବେଳେ ଏବେ ପରିବାର ବେସାହାରା ହୋଇପଡିଛନ୍ତି। ବିଡ଼ିଓ ଶ୍ରୀ ମଳିକ ବିପନ୍ନପରିବାର ଙ୍କୁ ଲୁଗାପଟା ସହିତ ଶୁଖିଲା ଖାଦ୍ୟ ଓ ରାସନ ସାମଗ୍ରୀ ପ୍ରଦାନ କରିଥିଲେ।

## ଚୋର ସନ୍ଦେହରେ ଦୁଇ ଯୁବକଙ୍କୁ ଖୁଂଟରେ ବାନ୍ଧିବା ସହ ମାଡ ମରାଯାଇଥିବା ଭିଡିଓ ଭାଇରାଲ



ମାଲକାନଗିରି(ମହାଭାରତ): ଚୋର ସନ୍ଦେହରେ ଦୁଇ ଯୁବକଙ୍କୁ ନିସ୍ତୁକ ମାଡ ମାରିବା ସହ ଗାଁ ମଝିରେ ଖୁଂଟରେ ବାନ୍ଧିଲେ ଗ୍ରାମବାସୀ। ଏହାର ଏକ ଭିଡିଓ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହେଉଥିବା ବେଳେ ଘଟଣାଟି ମାଲକାନଗିରି ଜିଲ୍ଲାର କୁମ୍ଭିଗୁଡା ଗ୍ରାମର ବୋଲି କୁହାଯାଉଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ଏମ.ଭି-୪୦ ଗ୍ରାମର ଯୁବକ ଅଜିତ ଡାକୁଆ ଓ ତାଙ୍କ ଜଣେ ସହଯୋଗୀ ବଦଲି ପଂଚାୟତ ଅନ୍ତର୍ଗତ କୁମ୍ଭିଗୁଡା ଗାଁ କୁ ଯାଇଥିବା ବେଳେ ସେଠାରେ ସେମାନେ କିଛି ସାମଗ୍ରୀ ଚୋରୀ କରୁଥିବା କିଛି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଅଂଚଳର ଯୁବକ ମାନେ ରାଗି ଯିବା ସହ ପ୍ରଥମେ ଅଜିତ ଡାକୁଆ ଓ ପରେ ତାଙ୍କ ସହଯୋଗୀଙ୍କୁ ଖୁଂଟରେ ବାନ୍ଧି ରଖିଥିଲେ। ପରେ ଅଜିତ ଓ ତାଙ୍କ ସହଯୋଗୀଙ୍କୁ ମାଡ଼ ମାରିଥିଲେ। ତେବେ ଯୁବକ ଜଣକ ସମ୍ପର୍କରେ ଥାନାରେ ମଧ କୌଣସି ଅଭିଯୋଗ ହୋଇନାହିଁ ବୋଲି ଜଣା ପଡିଛି। ଏହି ଘଟଣାର ଭିଡିଓ ଟି ବର୍ତ୍ତମାନ ସାମାଜିକ ଗଣ ମାଧମରେ ଭାଇରାଲ ହେଉଥିବା ବେଳେ ଏହାକୁ ନେଇ ଚର୍ଚ୍ଚ ଜୋର ଧରିଛି।

## ବଜ୍ରପାତରେ ଜଣେ ମୃତ, ୩ ଗୁରୁତର

ଜୁନାଗଡ଼,୫/୪.(ମହାଭାରତ):ଜୁନାଗଡ଼ ଥାନା ଅନ୍ତର୍ଗତ ବଳଦିଆମାଲ ଗ୍ରାମରୁ ରବିବାର ମଧ୍ୟାହ୍ନ ସମୟରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଚାଷ ଜମିରେ କାମ ସାରି ଘରକୁ ଫେରୁଥିବା ସମୟରେ ହଠାତ୍ ବଜ୍ରପାତ ଘଟିଥିବାରୁ ଜଣେ ମହିଳାଙ୍କ ଜୀବନ ନଷ୍ଟ ହୋଇଥିବାବେଳେ ଅନ୍ୟ ୩ ଜଣ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତ ମହିଳାଙ୍କ ପରିଚୟ ଚଞ୍ଚଳା ବିଶ୍ୱାଳ ବୋଲି ଜଣାପଡ଼ିଛି। ସେ ଗ୍ରାମର ଜଣେ ପରିଶ୍ରମୀ ଚାଷୀ ପରିବାରର ସଦସ୍ୟା ଥିବା ସୂଚନା ମିଳିଛି। ଏହି ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟ ୩ ଜଣ ମହିଳା ହେଲେ ଖୀରଦେଇ ପ୍ରଧାନୀ, ସଂଯୁକ୍ତା ଲହଜଳ ଓ ଭୂମିସୁତା ଲହଜଳୟ ବଜ୍ରପାତର ତୀବ୍ରତାରେ ସେମାନେ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ସ୍ଥାନୀୟ ଲୋକମାନେ ତୁରନ୍ତ ସମସ୍ତଙ୍କୁ ଉଦ୍ଧାର କରି ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତରମାନେ ଆହତମାନଙ୍କୁ ତୁରନ୍ତ ଚିକିତ୍ସା ଆରମ୍ଭ କରିଥିବାବେଳେ, ସେମାନଙ୍କର ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ଏହି ଅକାଳ ମୃତ୍ୟୁ ଓ ଦୁର୍ଘଟଣା ଫଳରେ ସମଗ୍ର ବଳଦିଆମାଲ ଗ୍ରାମରେ ଶୋକର ଛାୟା ପଡ଼ିଛି। ପରିବାର ଲୋକମାନେ ଦୁଃଖରେ ଭାଙ୍ଗି ପଡ଼ିଥିବାବେଳେ ଗ୍ରାମବାସୀମାନେ ମଧ ଗଭୀର ଶୋକ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ଜୁନାଗଡ଼ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରଶାସନ ପକ୍ଷରୁ ପୀଡ଼ିତ ପରିବାରକୁ ସହାୟତା ଯୋଗାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି ସ୍ଥାନୀୟମାନେ ଆଶା ପ୍ରକାଶ କରିଛନ୍ତି।

## ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ

ପରଜଙ୍ଗ (ମହାଭାରତ )ଓଡିଶା ସରକାରଙ୍କ ପକ୍ଷରୁ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଆରମ୍ଭ ହୋଇଥିବାବେଳେ, ସେହିପରି ଜ ପରଜଙ୍ଗ ବ୍ଲକର ପରଜଙ୍ଗ ପି ଏମ ଶ୍ରୀ ମହେଶଚନ୍ଦ୍ର ସୁବାହୁସିଂ ନୋଡାଲ ବିଦ୍ୟାଳୟ ଠାରେ ସକାଳ ୯ ଘଟିକାରେ ଆରମ୍ଭ ହୋଇଯାଇଛି । ଏହି ବ୍ଲକ ସ୍ତରୀୟ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀଣୀ ଶ୍ରୀମତୀ ପ୍ରିୟଦର୍ଶିନୀ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା। ତେବେ ଏହି ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବରେ ନୂତନ ବିଦ୍ୟାର୍ଥୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ୩ଟି ଭାଗରେ ବିଭକ୍ତ କରାଯାଇଥିଲା ପ୍ରଥମଟି ଗପରାଇଜ, ରଙ୍ଗପସରା ଓ ଖେଳଘର ଦର୍ଶାଇ ବେଶ ନୂତନ କୁନି କୁନି ବିଦ୍ୟାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ ।

## ଦଶପଲ୍ଲା ପ୍ରଶାସନ ପକ୍ଷରୁ ଗ୍ୟାସ୍ ସିଲିଣ୍ଡର ଜବତ



ଦଶପଲ୍ଲା,(ମହାଭାରତ):ଗ୍ୟାସ୍ କଳାବଜାରୀ ରୋକିବା ପାଇଁ ଦଶପଲ୍ଲାରେ ପ୍ରଶାସନ ପକ୍ଷରୁ ଚଢାଉ ଆରମ୍ଭ ହୋଇଛି । ଏହି କ୍ରମରେ ଶନିବାର ଦିନ ଦଶପଲ୍ଲାର ବିଭିନ୍ନ ପ୍ରମୁଖ ହୋଟେଲ ତଥା ଦୋକାନରେ ପ୍ରଶାସନ ପକ୍ଷରୁ ଚାଡ କରାଯାଇ ୧୧ ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଥିବା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ସୂଚନା ପ୍ରଦାନ କରିଛନ୍ତି ରିପୋର୍ଟ ପ୍ରଦାନ ପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ଓ ଆଗାମୀ ଦିନରେ ଏଭଳି ଚଢାଉ ଜାରି ରହି ବୋଲି ଶ୍ରୀ ଶତପଥୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଚଢାଉ ସମୟରେ ଦଶପଲ୍ଲା ବ୍ଲକ ଅଧିକାରୀ ଶରତ କୁମାର ମଲ୍ଲିକ, ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି,ଦଶପଲ୍ଲା ବ୍ଲକ ଯୋଗାଣ ଅଧିକାରୀ ରାଧାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ ସ୍ତରୀୟ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ



ପାଟଣାଗଡ ( ମହାଭାରତ ) ସାରା ଓଡ଼ିଶାରେ ଶିଶୁ ବାଟିକା ରେ ନାମ ଲେଖା ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ପାଳନ ହେଉ ଥିବା ବେଳେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ସୋଲବନ୍ଧ କସ୍ତୁରବା ଗାନ୍ଧି ବାଳିକା ଉଚ୍ଚବିଦ୍ୟାଳୟ ରେ ପାଳିତ ହେଲା ବ୍ଲକ ସ୍ତରୀୟ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ପିଲା ମାନେ ହେଉଛନ୍ତି ଦେଶର ଭବିଷ୍ୟତ ଆଉ ପିଲାମାନେ କେମିତି ହସ ଖୁସିର ସହିତ ନିଜର ଭବିଷ୍ୟତ ଗଢିବେ ସେ ନେଇ ସମସ୍ତ ଙ୍କ ଇଚ୍ଛା ।ପିଲାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରି ସରକାର ଏବେ ଅନେକ ପ୍ରୟାସ ଜାରି ରଖିଛନ୍ତି ଏମିତିକି ସମସ୍ତ ସରକାରୀ ସ୍କୁଲ ମାନଙ୍କରେ ଦଣ୍ଡମୁକ୍ତ କରି ଅନେକ ନାଚ, ଗୀତ, ଖେଲ କୁଦ ସହିତ ପିଲାଙ୍କୁ ସଠିକ ଭାବରେ ଶିକ୍ଷା ଦାନ କରାଯାଉଛି ।ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଶ୍ରୀମତି ରିତା ପାଣ୍ଡେ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହିଥିବା ବେଳେ ସମ୍ମାନୀତ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝୀ ଯୋଗ ଦେଇଥିଲେ। ପ୍ରାରମ୍ଭ ରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା କମିଟି ସରକାର ଙ୍କ ଖଡ଼ି ଛୁଆଁ ରଥ କୁ ସ୍ୱାଗତ କଲା ପରେ ସମସ୍ତ କୁନି କୁନି ଛାତ୍ର ଛାତ୍ରୀ ଅଭିଭାବକ ଏବଂ ଅତୀଥି ବୃନ୍ଦ ଙ୍କୁ ଫୁଲତୋଡ଼ା ଦେଇ ସମ୍ମାନ ର ସହ ସ୍ୱାଗତ ଜଣାଇବା ପରେ ଆରମ୍ଭ ହୋଇ ଥିଲା ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ । କୁନି କୁନି ପିଲା ଙ୍କ ଉଚ୍ଚ ଭବିଶ୍ କାମନା କରି ଏହି ବ୍ଲକ ସ୍ତରୀୟ ଶିଶୁ ବାଟିକା ରେ ନାମ ଲେଖା ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ବହୁ ମାଣ୍ୟ ଗଣ୍ୟ ଅତିଥି ଯୋଗ ଦେଇଥିଲେ।

## ଭୂତକୋଠି ପାଲଟିଛି ରାଜ୍ୟର ଦ୍ୱିତୀୟ ଶୀତଳଭଣ୍ଡାର

ରାଉରକେଲା: ଚାଷୀଙ୍କ ଉତ୍ପାଦିତ ପନିପରିବାର ଅଭାବୀ ବିକ୍ରି ରୋକିବାକୁ ସୁନ୍ଦରଗଡ଼ର କୁଆରମୁଣ୍ଡା ବ୍ଲକରେ ସ୍ଥାପନ ହୋଇଥିଲା ରାଜ୍ୟର ଦ୍ୱିତୀୟ ଶୀତଳଭଣ୍ଡାର। ଡାଏରିଫାର୍ମ ପାର୍ଶ୍ୱସ୍ଥ ପ୍ରାୟ ୨ ଏକର ଜାଗାରେ ଉଦ୍ୟାନକୃଷି ବିଭାଗ ପକ୍ଷରୁ କରାଯାଇଥିବା ଶୀତଳଭଣ୍ଡାର ଭୂତକୋଠି ପାଲଟିଛି। ଏଠାରେ ଥିବା ବିଭିନ୍ନ ଯନ୍ତ୍ରପାତିକୁ ଖଣ୍ଡଖଣ୍ଡ କରି କାଟି ଚୋରମାନେ ବିକି ଦେଇଛନ୍ତି। ଗୋଦାମ ଗୃହର ଝରକା, କବାଟ ଏମିତି କି ଟାଇଲ୍ ଚଟାଣକୁ ତାଡ଼ି ନେଇଯାଇଛନ୍ତି। କେବଳ କେତୋଟି ଘର ଭଙ୍ଗାଦଦରା ଅବସ୍ଥାରେ ରହିଛି। ଏହାର ଚତୁଃପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ହୋଇଯାଇଛି। ପାନପୋଷ ଉଦ୍ୟାନକୃଷି ବିଭାଗ ପକ୍ଷରୁ ଏହି ଜାଗାରେ ନୂଆ ଶୀତଳଭଣ୍ଡାର କରିବାକୁ ଅନେକବାର ଯୋଜନା କରାଯାଇଥିଲେ ହେଁ, ତା’ ନାଲି ଫିତାତଳେ ଚାପି ହୋଇ ରହିଯାଇଛି। ଗତ ପ୍ରାୟ ୮ ବର୍ଷ ମଧ୍ୟରେ ଜଣେ ପରେ ଜଣେ ସହକାରୀ କୃଷି ଉଦ୍ୟାନ ନିର୍ଦ୍ଦେଶକ ଆସିଛନ୍ତି। କୁଆରମୁଣ୍ଡାର ଶୀତଳଭଣ୍ଡାର ସ୍ଥିତି ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀଙ୍କୁ ୧୨ ହଜାର ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ମଧ ଦେଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଏ ଦିଗରେ କେଣସି ପଦକ୍ଷେପ ନିଆଯାଇ ନାହିଁ। ଦିନ ଥିଲା



କୁଆରମୁଣ୍ଡାର ଶୀତଳଭଣ୍ଡାର କେବଳ ସୁନ୍ଦରଗଡ଼ ନୁହେଁ ପଡୋଶୀ ଝାଡ଼ଖଣ୍ଡର ପନିପରିବା ଚାଷ କରୁଥିବା ଶହଶହ ଚାଷୀ ଉପକୃତ ହେଉଥିଲେୟ ବିଶେଷ କରି ରାଜ୍ୟ ଓ ବାହାର ରାଜ୍ୟର ଗ୍ରାହକଙ୍କ ପସନ୍ଦ ପାଲଟିଥିବା ନୂଆଗାଁ ପରିବାଚାଷୀଙ୍କ ଶହଶହ ଟନ୍ ପରିବା ଶୀତଳଭଣ୍ଡାରରେ ରଖାଯାଉଥିଲା।ଏଠାରୁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଏମିତିକି ଆନ୍ଧ୍ରପ୍ରଦେଶ ମଧ ଯାଉଥିଲା। ଶୀତଳଭଣ୍ଡାରଟିଏ ନଥିବାରୁ ନୂଆଗାଁର ଶହଶହ ଚାଷୀ ପ୍ରତିବର୍ଷ ଅଭାବୀବିକ୍ରିର ସମ୍ମୁଖୀନ ହେଉଛନ୍ତି। ଝାଳବୁହା ପରିଶ୍ରମ କରି ହଜାରହଜାର କ୍ୱିଣ୍ଟାଲ ପନିପରିବାର ଉତ୍ପାଦନ କରିଥିଲେ ହେଁ ଉଚିତ ମୂଲ୍ୟ ପାଉନାହାନ୍ତି। ଗତ ୫ ବର୍ଷ ତଳେ ନୂଆଗାଁ ଚାଷୀଙ୍କ ପ୍ରତି ତତ୍ପରତା ଦେଖାଇଥିଲେ ପୂର୍ବ ସରକାର। ଶୀତଳଭଣ୍ଡାର ପାଇଁ ପ୍ରାୟ ୪ ଏକରରୁ ଅଧିକ ଜାଗାରେ ପାଚେରୀ ନିର୍ମାଣ ହେଲା। ହେଲେ ଆଜି ପର୍ଯ୍ୟନ୍ତ ଗୋଦାମ ନିର୍ମାଣ ହେଲାନି କି ଶୀତଳଭଣ୍ଡାର ମେସିନ୍ଟଏ ମଧ ବସିପାରିଲା ନାହିଁ। ଚାଷୀ ଓ ସ୍ଥାନୀୟ ନେତାମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ସୁଫଳ ମିଳିଲା ନାହିଁ। ଏହି ପ୍ରକଳ୍ପ ଏବେ କେବଳ ପାଚେରୀରେ ସୀମିତ ରହିଯାଇଛ।ବିଶ୍ରା, ଲାଠିକଟା, କୁଆରମୁଣ୍ଡା, ରାଜଗାଙ୍ଗପୁର ଆଦି ବ୍ଲକର ପନିପରିବା ଚାଷୀମାନଙ୍କୁ ସମଦଶା ଭୋଗିବାକୁ ପଡୁଛି। ତତ୍କାଳୀନ କୃଷି ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଡି. ପଟେଲ କହିଛନ୍ତି କୁଆରମୁଣ୍ଡାରେ ଉଦ୍ୟାନ ବିଭାଗର ଦୁଇ ଏକର ଜାଗାରେ ପୂର୍ବ ସରକାରଙ୍କୁ ନୂଆ ଶୀତଳଭଣ୍ଡାର କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ୫ ରୁ ୧୨ ହଜାର ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ହେଲେ, ବ୍ୟବସାୟିକ ଦୃଷ୍ଟି କୋଣରୁ କାର୍ଯ୍ୟକ୍ଷମ ହୋଇପାରିବ।

## କେନ୍ଦୁଜିଆଣୀରେ ଆଦିବାସୀ ସାମାଜିକ ଶିକ୍ଷା ସଂସ୍କୃତି ସଙ୍ଗଠନର ନୂତନ ଶାଖା କମିଟି ଗଠନ



କରଞ୍ଜିଆ,(ମହାଭାରତ):ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେନ୍ଦୂଜିଆଣୀ ଅଞ୍ଚଳରେ ଆଦିବାସୀ ସାମାଜିକ ଶିକ୍ଷା ସଂସ୍କୃତି ସଙ୍ଗଠନ, ରାଇରଙ୍ଗପୁର ର କେନ୍ଦୂଜିଆଣୀ ଶାଖା କମିଟି ଗଠିତ ହୋଇଛି। ଏହା ସ୍ଥାନୀୟ ଆଦିବାସୀ ସମାଜର ସଂଗଠନମୂଳକ ଶକ୍ତିକୁ ଆରୋହଣ କରିବା ସହ ସାମାଜିକ, ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ନୂତନ ଦିଗ ଦେବାର ଆଶା ଜଣାଇଛି ।ଆଜି କେନ୍ଦୂଜିଆଣୀ ସ୍ଥିତ ବିନ୍ଦୁଚାନ ସେମଲେଦ ଜାହେର ଠାରେ ଆୟୋଜିତ ଏକ ବିଶେଷ ବୈଠକରେ ଏହି କମିଟି ଗଠନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବୈଠକରେ ଉଦୟନାଥ ମୁର୍ମୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଠାକୁରମୁଣ୍ଡା ବ୍ଲକର ୪୨ ଜଣ ମାଝୀ ବାବା ଉପସ୍ଥିତ ରହି ସମାଜର ବିଭିନ୍ନ ମୁଦ୍ଦା, ସଂଗଠନର ଲକ୍ଷ୍ୟ ଓ ଆଗାମୀ କାର୍ଯ୍ୟଯୋଜନା ବିଷୟରେ ମତାମତ ପ୍ରକାଶ କରିଥିଲେ ।ସଭାରେ ସର୍ବସମ୍ମତି କ୍ରମେ ନୂତନ କମିଟି ଗଠନ କରାଯାଇଥିଲା। ଏହାନୁସାରେ କାରୁ ମୁର୍ମୁଙ୍କୁ ସଭାପତି ଭାବେ ନିଯୁକ୍ତ କରାଯାଇଥିବାବେଳେ, କୃଷ୍ଣଚନ୍ଦ୍ର ମୁର୍ମୁଙ୍କୁ ଉପ-ସଭାପତି ଭାବେ ଚୟନ କରାଯାଇଛି। ସଂପାଦକ ଭାବେ ଶୁରେନ୍ଦ୍ର ହାଁସଦା ଓ ସହ-ସଂପାଦକ ଭାବେ ଦୁଲା ଟୁଡୁଙ୍କୁ ଦାୟିତ୍ୱ ଦିଆଯାଇଛି। ଏହା ସହିତ ଉଦୟନାଥ ମୁର୍ମୁଙ୍କୁ କୋଷାଧକ୍ଷ, ବିଶ୍ୱନାଥ ଟୁଡୁଙ୍କୁ ଶିକ୍ଷା ସଂପାଦକ, ନିମାଇ ମାଝୀଙ୍କୁ ସାମାଜିକ ସଂପାଦକ ଓ ମୁନିରାମ ମୁର୍ମୁଙ୍କୁ ସାଂସ୍କୃତିକ ସଂପାଦକ ଭାବେ ନିଯୁକ୍ତ କରାଯାଇଛି ।ଏହି କମିଟିରେ ଠାକୁରମୁଣ୍ଡା ପିଳପାର୍ଗନାର ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ ରହିଛି। ଜୁନାରାମ ଟୁଡୁଙ୍କୁ ଠାକୁରମୁଣ୍ଡା ପିଳପାର୍ଗନା, ସାଲଖୁ ହେମ୍ବ୍ରମଙ୍କୁ ସହ ପିଳପାର୍ଗନା, ରତନ ପିଳପାର୍ଗନା ଭାବରେ ସୀତାରାମ ଟୁଡୁଙ୍କୁ ସହ ପିଳପାର୍ଗନା ଓ ଘାସିରାମ ହାଁସଦାଙ୍କୁ ସହ ପିଳପାର୍ଗନା ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି ।ସଭାରେ ଉପସ୍ଥିତ ସଦସ୍ୟମାନେ ସଙ୍ଗଠନକୁ ଆହୁରି ସଶକ୍ତ କରିବା, ଆଦିବାସୀ ସମାଜର ଶିକ୍ଷାଗତ ଉନ୍ନତି, ସାମାଜିକ ସଚେତନତା ଓ ସଂସ୍କୃତିର ସୁରକ୍ଷା ପାଇଁ ସମ୍ମିଳିତ ଭାବେ କାମ କରିବାକୁ ସଙ୍କଳ୍ପ ଗ୍ରହଣ କରିଥିଲେ ।ଏହି ନୂତନ କମିଟି ଗଠନ ମାଧ୍ୟମରେ ଅଞ୍ଚଳରେ ସାମାଜିକ ଏକତା ବୃଦ୍ଧି ପାଇବା ସହିତ ଆଦିବାସୀ ସମାଜର ଅଧିକାର ଓ ଉନ୍ନତି ପାଇଁ ଏକ ମଜବୁତ ମଞ୍ଚ ସୃଷ୍ଟି ହେବ ବୋଲି ସ୍ଥାନୀୟ ଲୋକମାନେ ଆଶା ବ୍ୟକ୍ତ କରିଛନ୍ତି।

## ମୌଳିକ ସୁବିଧା ଅପେକ୍ଷାରେ ‘ବିଲାମାଲ’



ଭବାନୀପାଟଣା: କଳାହାଣ୍ଡିଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ବିଲାମାଲ ଗାଁକୁ ସ୍ୱାଧୀନତାର ଅନେକ ଦଶନ୍ଧି ପରେ ମଧ ମୌଳିକ ସୁବିଧା ପହଞ୍ଚି ପାରିନି। ନିର୍ବାଚନ ସମୟରେ ନେତାଙ୍କ ପ୍ରତିଶ୍ରୁତିକୁ ପାଥେୟ କରି ବର୍ଷ ବର୍ଷ ଧରି ବିକାଶ ଅପେକ୍ଷାରେ ରହିଛନ୍ତି ଗ୍ରାମବାସୀ। କଳାହାଣ୍ଡି, ରାୟଗଡ଼ା ଜିଲ୍ଲା ସୀମାନ୍ତ ନାଗାବଳୀ ନଦୀ ନିକଟରେ ରହିଛି ବିଲାମାଲ ଗାଁ। ଆବୁଡ଼ା ଖାବୁଡ଼ା ପଥୁରିଆ ରାସ୍ତା ଦେଇ ୫ କିମି ପାଦରେ ଚାଲିଚାଲି ଗଲାପରେ ଯାଇ ଉପାନ୍ତ ବିଲାମାଲ ଗାଁରେ ପହଞ୍ଚି ହେବ। ଗାଁର ପରିବାର ସଂଖ୍ୟା ୨୫୦। ରାସ୍ତା ନ ଥିବାରୁ ଗର୍ଭବତୀ କିମ୍ବା ଅନ୍ୟ ରୋଗୀଙ୍କୁ ଖଟିଆରେ ବୋହି ୧୨ କିଲୋମିଟର ଦୂର ପଡ଼ୋଶୀ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ଡାକ୍ତରଖାନାକୁ ନେଇଥାନ୍ତି। ଆଜି ପର୍ଯ୍ୟନ୍ତ ଗାଁରେ ନଳକୂପଟିଏ ଖୋଳା ଯାଇପାରିଲାନି। ଦୂଷିତ ପାଣି ପିଇବା ଯୋଗୁଁ ଲୋକେ ବାରମ୍ବାର ରୋଗାକ୍ରାନ୍ତ ହେଉଛନ୍ତି। କାଖରେ ଗରା ଓ ମାଠିଆ ଧରି ଗାଁଠାରୁ ୨ କିଲୋମିଟର ଦୂର ପଥର କୋଳପାରୁ ପାଣି ସଂଗ୍ରହ ପାଇଁ ମହିଳାଙ୍କ ଲମ୍ବା ଧାଡ଼ି ଲାଗିଥାଏ।ବ୍ଲକ୍ ପ୍ରଶାସନ ପକ୍ଷରୁ ସୌରଚାଳିତ ପମ୍ପର ବ୍ୟବସ୍ଥା କରାଯାଇଥିଲେ ମଧ ମରାମତି ଅଭାବରୁ ତାହା ଖତ ଖାଉଛି। ଗାଁରେ ବିଦ୍ୟୁତ୍ ସଂଯୋଗ ନଥିବା ଯୋଗୁଁ ଡିବିରି ଆଲୁଅରେ ରାତି କଟୁଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଅଧୀନରେ ବିଲାମାଲ ଆସୁଥିଲେ ମଧ ଗ୍ରାମବାସୀ ନିଜର ଦୈନନ୍ଦିନ ଜୀବନଯାପନ ପାଇଁ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ଉପରେ ନିର୍ଭର କରନ୍ତି। ଗାଁଠାରୁ ପାଖରେ କଲ୍ୟାଣସିଂପୁର ଅଥଚ ନିଜ ବ୍ଲକ୍ ସଦର ମହକୁମା ଯିବାକୁ ହେଲେ ପ୍ରାୟ ୯୦ କିଲୋମିଟର ବାଟ ପଡ଼େ। ପିଡିଏସ୍ ସାମଗ୍ରୀ ପାଇଁ ପାହାଡ଼ିଆ ରାସ୍ତାରେ ୫ କିଲୋମିଟର ସିଲେଟ ଗାଁକୁ ଯିବାକୁ ପଡ଼ିଥାଏ। ଗାଁର ସମସ୍ତ ପିଲା ଆଜି ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ଅଛନ୍ତି। ଥୁଆମୂଳ ରାମପୁର ବ୍ଲକ୍ ଭଳି ଦୁର୍ଗମ ଇଲାକାରେ ଏଭଳି ଅନେକ ଗାଁର ଅବସ୍ଥା ଏଭଳି। ଏ ସଂପର୍କରେ ଥୁଆମୂଳ ରାମପୁର ବିଡିଓ ଧ୍ରୁବଚରଣ ମୁଦୁଲିଙ୍କୁ ପଚାରିବାରୁ ସେ ଘଟଣାସ୍ଥଳ ପରିଦର୍ଶନ କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଥିଲେ। ରାଜ୍ୟ ସରକାର ଆଉ ବିଳମ୍ବ ନ କରି ତୁରନ୍ତ ଏ ଅଞ୍ଚଳକୁ ବିକାଶ ପ୍ରକ୍ରିୟାରେ ସାମିଲ କରିବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି।

## ପଣସ ମିଶନ ଦିଗହରା:ଅଭାବୀ ବିକ୍ରିର ଶିକାର ଆଦିବାସୀ



ନାରାୟଣପାଟଣା , (ମହାଭାରତ )- କୋରାପୁଟ ଜିଲାର ପ୍ରତ୍ୟେକ ଗ୍ରାମ ଓ ପାହାଡ଼ ଜଙ୍ଗଲରୁ ଆଦାୟ ହେଉଥିବା ପଣସ କିଣିବା ପାଇଁ ଦଲାଲ ସକ୍ରିୟ ।ଏଥିପାଇଁ ବନ୍ଧୁଗାଁ, ନାରାୟଣପାଟଣା, , ଲକ୍ଷ୍ମୀପୁର ବ୍ଲକର ରାସ୍ତାଘାଟରେ ଛୋଟ ଛୋଟ ଭାଡ଼ି ବାନ୍ଧି ମଣ୍ଡି ସଦୃଶ୍ୟ ଲୋକଙ୍କ ଠାରୁ କଷି ପଣସ କିଲୋ ପିଛା ୨୦ ରୁ ୩୦ ଟଙ୍କାରେ କିଣୁଛନ୍ତି । କାରଣ କୋରାପୁଟର ଜଙ୍ଗଲୀ ପଣସରେ ଭିଟାମିନ ଏ, ବି୬, ସି, କ୍ୟାଲସିୟମ, ପୋଟାସିୟମ, ଆଇରନ, ଫଲିକ ଏସିଡ, ଥାୟାମିନ ଏବଂ ନିଆମିନ ପରି ଅନେକ ପୋଷକତତ୍ତ୍ୱ ରହିଛି । ଯେଉଁଥିପାଇଁ କିଲୋରେ କିଣି ବାହାର ରାଜ୍ୟକୁ ପ୍ରତିଦିନ ଚାଲାଣ କରୁଛନ୍ତି ଦଲାଲ ।ଅନ୍ୟପଟେ କୋରାପୁଟ ଜିଲା ତଥା ଆମ ବ୍ଲକ ରେ ପଣସ ପାଇଁ ନାଁ ଅଛି ବଜାର ନା ଅଛି ପଣସ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ପ୍ରକ୍ରିୟାକରଣ କେନ୍ଦ୍ର । ନା ମିଳୁଛି କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ । ତେଣୁ କୋରାପୁଟ ଜିଲା ପ୍ରଶାସନ ସମେତ ରାଜ୍ୟ ସରକାରଙ୍କ ପଣସ ମିଶନ ଦିଗହରା ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ସାଉଁଟିଛି । ସୂଚନା ମୁତାବକ ଆଦିବାସୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଲାଗି ଯେଉଁସବୁ ଜଙ୍ଗଲଜାତ ଦ୍ରବ୍ୟ ରହିଛି ସେଥିରେ କୋରାପୁଟ ଜିଲ୍ଲା ନାରାୟଣପାଟଣା ଜଙ୍ଗଲୀ ପଣସ ଅନ୍ୟତମ । ବର୍ତ୍ତମାନ ଗାଁଗହଳିର ରାସ୍ତାକଡ଼ରେ ଏହାର ଚାହିଦା ବେଶୀ। କାରଣ ବାହାର ରାଜ୍ୟର ଦଲାଲ ସକ୍ରିୟ ହୋଇ ଗ୍ରାମବାସୀଙ୍କ ଠାରୁ କଷି ପଣସ କିଲୋ ପିଛା ୨୦ ରୁ ୩୦ ଟଙ୍କା ଦରରେ କିଣି ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ଦେଖିବାକୁ ମିଳୁଛି । ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ବିହାର, ମଧ୍ୟପ୍ରଦେଶ ଓ କେରଳରେ ଏହାର ଚାହିଦା ଓ ବଜାର ମୂଲ୍ୟ ଅଧିକ ରହିଥିବା ଯୋଗୁଁ ଏବେ ଜିଲାର ଗାଁ ଗାଁ ବୁଲି ପଣସ ସଂଗ୍ରହରେ ଲାଗି ପଡିଛନ୍ତି ଦଲାଲ । ଏପରିକି ଗଛ ସହ ଫଳ ଲାଗିଥିବା ପଣସ କଷିକୁ ଆଗୁଆ ଅଗ୍ରିମ ଦେଇ ସମୟ ପୂର୍ବରୁ କିଣି ରଖୁଛନ୍ତି । ସାଧାରଣତଃ ଜାନୁଆରୀ ମାସରୁ ଫଳୁଥିବା ଏହି ପଣସ । ମାର୍ଚ୍ଚ ମାସ ବେଳକୁ ବଜାରରୁ ଗାଏବ ହେଇ ଯାଉଛି । ଏପଟେ ଚାଷୀଙ୍କ ପଣସ ବିକ୍ରି ପାଇଁ ପ୍ରଶାସନ ପକ୍ଷରୁ କୌଣସି ସୁବିଧା ନାହିଁ । ମିଶନଶକ୍ତି ଅଧୀନରେ ହଜାର ହଜାର ମହିଳା ଗୋଷ୍ଠୀ ଜିଲାରେ ସକ୍ରିୟ ଥିବା ବେଳେ ଏଥିରୁ ଚିପ୍ସ, ଆଚାର, ବ୍ୟଞ୍ଜନ, ମଞ୍ଜିରୁ ଅଟା ଆଦି ପ୍ରସ୍ତୁତି ପାଇଁ ନାହିଁ ପ୍ରୋତ୍ସାହନ କିମ୍ ପ୍ରକ୍ରିୟାକରଣ କେନ୍ଦ୍ର । ଏଣୁ ଚାଷୀ ଦଲାଲ ହାତରେ ଟେକି ଦେବାକୁ ବାଧ୍ୟ ହେଉଛି । ସେଥିପାଇଁ ପାଚିଲା ପଣସ ଖାଇବା ପାଇଁ ହେଉ ବା ପର୍ବପର୍ବାଣୀ ଲାଗି ଲୋକ ଭୁଲି ଗଲେଣି ।ଗୁଣର ଭଣ୍ଡାରରେ ପରିପୂର୍ଣ୍ଣ ଏହି ପଣସ ଯାହାକୁ ଉଭୟ କଞ୍ଚା ଓ ପାଚିଲାରେ ଖୁଆଯାଏ ଆଗାମୀ ଦିନରେ ଏହି ସାମଗ୍ରୀ ଲୋପ ହୋଇଯିବ ବୋଲି ଆଶଙ୍କା କରାଯାଉଛି । କୋରାପୁଟ ଜିଲାରେ ଥିବା ଉଦ୍ୟାନ, କୃଷି, ଜଙ୍ଗଲ ବିଭାଗ ଓ ଚାଷୀଙ୍କ ଦ୍ୱାରା ଏକର ଏକର ଜମିରେ ପଣସ ଗଛ ଲଗାଯାଇଥିବା ଓ ବର୍ଷକୁ ଟନ ଟନ ପଣସ ଉତ୍ପାଦନ ହେଉଛି ବୋଲି ସୂଚନା ମିଳିଛି । ଜିଲା ଓରମାସ ତରଫରୁ ସରକାର ପଣସ ମିଶନ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟମାନଙ୍କ ଜରିଆରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ଚାଷୀ ଓ ବେପାରୀ ମାନଙ୍କ ପାଇଁ ଖୁବ ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ସିଇଓ ବର୍ଷ ବର୍ଷ ହେବ କହି ଆସୁଥିବାବେଳେ ଆଜିପର୍ଯ୍ୟନ୍ତ ଗୋଟିଏ କାର୍ଯ୍ୟକାରୀ ହେଉନାହିଁ।

## ଦଣ୍ଡଯାତ୍ରା ପାଇଁ ଫିରିଙ୍ଗିଆ ଅଞ୍ଚଳ ଉତ୍ସବ ମୁଖର



କନ୍ଧମାଳ:ସଂପ୍ରତି ଦଣ୍ଡଯାତ୍ରା ଯୋଗୁଁ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅର୍ନ୍ତଗତ କାଶିନିପଦରଅଞ୍ଚଳ ଉତ୍ସବ ମୁଖର ସହ ଚଳଚଞ୍ଚଳ ହୋଇଉଠିଛି । ଫିରିଙ୍ଗିଆ ଗ୍ରାମାଞ୍ଚଳ ସାଙ୍ଗକୁ ସହରା□ଳରେ ମଧ କେଉଁଠି ନା କେଉଁଠି ଦଣ୍ଡଯାତ୍ରା ଯୋଗୁଁ ବିଭିଭ ଦଣ୍ଡଦଳର ନଗର ଭ୍ରମଣ କାଳରେ ପ୍ରତ୍ୟେକ ଘର ସମ୍ମୁଖରେ କୁମ୍ଭ ସ୍ଥାପନର ସୁଦୃଶ୍ୟ ସାଙ୍ଗକୁ ଝୁଣାର ମହକ ଏବଂ ଢୋଲ ବାଦ୍ୟର ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି କରୁଛି ଯ ଦଣ୍ଡୁଆଙ୍କ ଧୂଳିଦଣ୍ଡ, ଜଳଦଣ୍ଡ, ଅଗ୍ନିଦଣ୍ଡ ଓ ପରଭା ନୃତ୍ୟ ହରପାର୍ବତୀ ନୃତ୍ୟ, ଚଢ଼େଇଆ ନୃତ୍ୟ ବିଣାକାର ନୃତ୍ୟ ଶ୍ରଦ୍ଧାଳୁଙ୍କୁ ଏକ ଭାବବିହ୍ୱଳ ବାତାବରଣ ମଧ୍ୟକୁ ଟାଣି ନେଉଛି । ଏଥି ସହ ରାତ୍ରକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି । ଅନ୍ୟପକ୍ଷରେ ଦଣ୍ଡଯାତ୍ରା କାଳରେ ବାନା, ବାଡି, ବେତ, ପିଞ୍ଛମୁଠା,ଫୁଲମାଳ, ନବାତ ଓ ଫଳ ଆଦି ପୂଜା ସାମଗ୍ରୀ କ୍ରୟ ସକାଶେ ମାନସିକଧାରୀ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ବିଭିନ୍ନ ଦୋକାନରେ ଦେଖିବାକୁ ମିଳୁଛି । ତେବେ ଏହି ପାରମ୍ପରିକ ଦଣ୍ଡଯାତ୍ରା ଅବସରରେ ଅଞ୍ଚଳର ବିଭିଭ ଲୋକକଳାର ଛବି ପ୍ରତିଫଳିତ ହେଉଥିବା ଦେଖିବାକୁ ମିଳୁଛି ।

## ଓଡ଼ିଆ ପକ୍ଷ - ୨୦୨୬ ଉପଲକ୍ଷେ ଐତିହ୍ୟ ଗଣଦୌଡ



ଅନୁଗୋଳ,(ମହାଭାରତ)ଓଡ଼ିଆ ପକ୍ଷ - ୨୦୨୬ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ଐତିହ୍ୟ ଗଣଦୌଡ ଆୟୋଜିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା ଯୋଗ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଉପରେ ସମ୍ୟକ୍ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ପ୍ରଭାତ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଐତିହ୍ୟ ଗଣଦୌଡ ଅନୁଗୋଳର ଇନଡୋର ହଲ ଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରି ଇନଡୋର ହଲଠାରେ ଶେଷ ହୋଇଥିଲା। ଏହି ଗଣଦୌଡରେ ଜିଲ୍ଲାର ବିଭିଭ ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଜାତୀୟ ସମର ବାହିନୀ, ଜିଲ୍ଲା ସ୍କାଉଟ ଛାତ୍ର, ଅନୁଗୋଳ ଜିଲ୍ଲା ଆସୋସିଏସନ୍ ର କ୍ରୀଡାବି଼, ଅଭିଭାବକ, ବରିଷ୍ଠ ନାଗରିକ, ସାମ୍ବାଦିକଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ପାଇଁ ସୁନାମ ଆଣିଥିବା କୃତି କ୍ରୀଡ଼ା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମର ବାହିନୀର ମୁଖ୍ୟ ଓ ସହପ୍ରଫେସର ଡକ୍ଟର ରାକେଶ ରଞ୍ଜନ ବେହେରାଙ୍କୁ ମଧ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ଅନୁଗୋଳ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠ ପରିଚାଳନା କରିଥିବା ବେଳେ ଅନୁଗୋଳ ମେରା ଭାରତର ଶ୍ରୀ ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଗାଁ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ମେଳା ଅନୁଷ୍ଠିତ

ନୂଆଗାଁ (ମହାଭାରତ ) : ନୂଆଗାଁ ବ୍ଲକ ସଦର ମହକୁମାରେ ଥିବା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ନୂଆଗାଁ ପରିସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଗୁରୁବାର ଗଣିତ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା ।ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ମନୋଭାବ ଏବଂ ଗାଣିତିକ ଦକ୍ଷତାର ବିକାଶ ନିମନ୍ତେ ଏକ ଗଣିତ ଓ ବିଜ୍ଞାନ ଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିବା ସହ ଅଭିନବ ମଡେଲମାନ ପ୍ରସ୍ତୁତ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମସେନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପ□ ଅମିତା ପରିଡା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ।ମୁଖ୍ୟ ବକ୍ତା ଭାବେ ମଦନ ମୋହନ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗବେଷଣାମୂଳକ ଶିକ୍ଷା ପ୍ରତି ଆଗ୍ରହୀ ହେବାକୁ ପରାମର୍ଶ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସି ଆର ସି ସି ମମତା ମଞ୍ଜରୀ ଦେଇ,ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳି ଶାସମଲ ଏବଂ ଉଦୟପୁର ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରହ୍ଲାଦ ସାହୁ ଉପସ୍ଥିତ ରହି ପିଲାମାନଙ୍କର ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ ।ବିଜ୍ଞାନ ଶିକ୍ଷୟତ୍ରୀ କାଜଲ ପ୍ରିୟଦର୍ଶିନୀଙ୍କ ତତ୍ୱାବଧାନରେ ବିଜ୍ଞାନ ପ୍ରକଳ୍ପ ଗୁଡିକ ସୁନ୍ଦର ଭାବରେ ପଦର୍ଶିତ ହୋଇଥିଲା ।ଏହି ମେଳାରେ ଉଭୟ ଗଣିତ ଓ ବିଜ୍ଞାନ ବିଭାଗରେ ଜୁନିଅର ଓ ସିନିଅର ବର୍ଗରେ ମୋଟ ୩୩ଟି ପ୍ରକଳ୍ପ ସାମିଲ ହୋଇଥିଲା ।ଗଣିତ ଜୁନିଅର ବିଭାଗରୁ ୬ଟି ଏବଂ ସିନିଅର ବିଭାଗରୁ ୫ଟି ପ୍ରକଳ୍ପ ।ବିଜ୍ଞାନଜୁନିଅର ବିଭାଗରୁ ୧୫ଟି ଏବଂ ସିନିଅର ବିଭାଗରୁ ୭ଟି ପ୍ରଦର୍ଶନୀ ହେଇଥିଲା ।ଶେଷରେ ବିଚାରକ ମାନଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ଚୟନ କରାଯାଇଥିଲା ।ସମସ୍ତ ବିଭାଗର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା ।ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି ।

## ପାରାଦୀପ ବନ୍ଦର ପକ୍ଷରୁ ୬୩ତମ ଜାତୀୟ ନୌବାଣିଜ୍ୟ ଦିବସ ପାଳିତ

# ସ୍ଥିରତା, ସୁରକ୍ଷା ଓ ସାମୁଦ୍ରିକ କୌଶଳ ଉପରେ ଗୁରୁତ୍ୱ




ପାରାଦୀପ(ମହହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୬୩ତମ ଜାତୀୟ ନୌବାଣିଜ୍ୟ ଦିବସ ଅପ୍ରେଲ ୫ ତାରିଖ ରବିବାର ଦିନ ପାଳିତ ହୋଇଯାଇଛି । ସମୃଦ୍ଧ ନୌବାଣିଜ୍ୟ, ବିକଶିତ ଭାରତ ଓ ଯୁବଶକ୍ତି ପାଇଁ ବ୍ଲୁ ଇକନୋମି ଓ ଗ୍ରୀନ ଗ୍ରୋଥ ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ବନ୍ଦରର ବହୁ ବିଭାଗୀୟ ମୂଖ୍ୟ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଉତ୍ସବ ଆରମ୍ଭରେ ପତାକା ଉତ୍ତୋଳନ କରାଯାଇ ଦେଶର ସମୃଦ୍ଧ ନୌବାଣିଜ୍ୟ ଐତିହ୍ୟକୁ ପ୍ରତିବିମ୍ବିତ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ଟ୍ରାଫିକ ପରାମର୍ଶଦାତା ତଥା ପୂର୍ବତନ ଉପାଧ୍ୟକ୍ଷ ଏ.କେ.ବୋଷ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ମେରାଇନ ମାଷ୍ଟର କ୍ୟାପ୍ଟେନ୍ ପି.ରାଉତ ଓ ଏସଆଇସି ଏମଏମଡି ପି. ସି. ମାଝି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ, କ୍ୟାପ୍ଟେନ୍ ପି. ରାଉତ ଓ ପି.ସି. ମାଝିଙ୍କୁ ଏ.କେ. ବୋସଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।ଉତ୍ସବରେ ମେରାଇନ କର୍ମୀ ମାନଙ୍କ ସମର୍ପଣ ଓ ଧୃଢତାକୁ ସମ୍ମାନ ଜଣାଯାଇଥିଲା । ସେହିପରି ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ଙ୍କ ନେତୃତ୍ୱରେ, ପାରାଦୀପ ବନ୍ଦର ଜାହାଜ ଓ ପଣ୍ୟ ପରିଚାଳନାରେ ସଫଳ ମାଇଲଖୁ□ ହାସଲ କରିଛି । ବନ୍ଦର ୨,୫୨୬ ଟି ଜାହାଜ ସଫଳ ଭାବରେ ପରିଚାଳନା କରି ୬ ମିଲିୟନ୍ ମେଟ୍ରିକ୍ ଟନ୍ ପଣ୍ୟ ପରିଚାଳନା କରିଛି । ସମ୍ପ୍ରତି ପଶ୍ଚିମ ଏସିଆ ଯୁଦ୍ଧ ସଙ୍କଟ ସମୟରେ, ପାରାଦୀପ ବନ୍ଦର ପଣ୍ୟ ପରିଚାଳନାରେ ତାର ସ୍ଥିରତା ବଜାୟ ରଖିଛି । ମାରିଟାଇମ ଇଣ୍ଡିଆ ଭିଜନ ୨୦୩୦ ସହ ମେଳ ରଖି, ପାରାଦୀପ ବନ୍ଦର ସୁସ୍ଥିର ଓ ଗ୍ରୀନ୍ ପୋର୍ଟ ହିସାବରେ ଆଗକୁ ବଢୁଛ ।

## ପାରାଦୀପରେ ୬୩ତମ ଜାତୀୟ ସାମୁଦ୍ରିକ ଦିବସ ଓ ମର୍ଚ୍ଚାଣ୍ଟ ନାଭି ସପ୍ତାହ ପାଳିତ




ପାରାଦୀପ(ମହାଭାରତ): ୬୩ ତମ ଜାତୀୟ ସାମୁଦ୍ରିକ ଦିବସ ଏବଂ ମର୍ଚ୍ଚାଣ୍ଟ ନାଭି ସପ୍ତାହ ମହାଆଡମ୍ବର ସହକାରେ ପାରାଦୀପ ସ୍ଥିତ ଓଡିଶା ମାରିଟାଇମ ଏକାଡେମୀ ପରିସରରେ ଶନିବାର ଦିନ ପାଳିତ ହୋଇଯାଇଛି । ପାରାଦୀପ ମାରିଟାଇମ ଏକାଡେମୀ ର ସମସ୍ତ କ୍ୟାଡେଟ ମାନଙ୍କ ସହିତ ନୌସେନା, ପାରାଦୀପ ବନ୍ଦର ର ଅଧିକାରୀ ଓ ମ୍ୟାରିଟାଇମ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ରହି ୧୯୧୯ ମସିହାର ସେହି ଐତିହାସିକ ଦିନକୁ ମନେ ପକାଇଥିଲେ । ସାମଗ୍ର ବିଶ୍ୱ ସମୁଦାୟ ରେ ରହିଥିବା ଜଳପଥ ଉପରେ ଅଧିକାର ଜାହିର କରି ଯେଉଁଭଳି ବ୍ରିଟିଶ ମାନେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ ଏହାକୁ ପ୍ରତିହତ କରି ପ୍ରଥମ ଥର ପାଇଁ ୧୯୧୯ ମସିହା ରେ ଭାରତୀୟ ଜାହାଜ ଏସଏସ ଲୟାଲିଟି ମୁମ୍ବାଇରୁ ଲଣ୍ଡନ ପର୍ଯ୍ୟନ୍ତ ପ୍ରଥମ ଭାରତୀୟ ମାଲିକାନାରେ ଥିବା ଜାହାଜ ତାର ଯାତ୍ରା ଆରମ୍ଭ କରିଥିଲା । ଯାହା ସାମୁଦ୍ରିକ ଜଳପଥ ରେ ଭାରତ ତାର ଉପସ୍ଥିତ ଜାହିର କରିଥିଲା ଏବଂ ସମଗ୍ର ବିଶ୍ୱରେ ରହିଥିବା ଦେଶ ମାନଙ୍କର ସାମୁଦ୍ରିକ ପଥରେ ନିଜର ଅଧିକାର କୁ ମଧ ହାସଲ କରିଥିଲା। ଏସ୍ଏସ୍ ଲୟାଲିଟିର ଏହି ପ୍ରଥମ ଯାତ୍ରାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୫ ତାରିଖରେ ଭାରତରେ ଜାତୀୟ ସାମୁଦ୍ରିକ ଦିବସ ପାଳନ କରାଯାଉଛି । ୧୯୬୪ ମସିହାରୁ, ଏହି ଦିନକୁ ଭାରତୀୟ ଅର୍ଥନୀତିରେ ସାମୁଦ୍ରିକ ଶିଳ୍ପର ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ସହିତ ନାବିକ ମାନଙ୍କୁ ସମ୍ମାନିତ କରିଆସୁଛି। ଏ ନେଇ ପାରାଦୀପ ରେ ରହିଥିବା ମେରିଟାଇମ ଏକାଡେମୀ ପରିସରରେ ପ୍ରଥମ ଥର ପାଇଁ ଫରୱାର୍ଡ଼ ୟୁନିୟନ ତରଫରୁ ୬୩ ତମ ମାରିଟାଇମ ଦିବସ ପାଳନ ଅବସରରେ ସେହି ୬୩ ବର୍ଷର ଇତିହାସ କୁ ସ୍ମରଣ କରିବା ସହିତ ଆଜିର ଦିନ ରେ ଯେଉଁଭଳି ଜଳପଥରେ ଭାରତ ତାର ଅଧିକାର ଜାହିର କରିଥିଲା ତାହା ଆଜି ଆମକୁ ଆର୍ଥିକ ଓ ବ୍ୟବସାୟିକ ଦୃଷ୍ଟିକୋଣ ରୁ ଲାଭନ୍ୱିତ କରିଛି । ଏହି ଅବସରରେ ଫରୱାର୍ଡ଼ ୟୁନିୟନ ତରଫରୁ ପାରାଦୀପ ଅଞ୍ଚଳ ର ବିଭିଭ ବିଦ୍ୟାଳୟ ଓ କଲେଜ ର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜାତୀୟ ସାମୁଦ୍ରିକ ଦିବସ ଅବସରରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଯାହାଦ୍ୱାରା ପିଲାମାନେ ସାମୁଦ୍ରିକ ଇତିହାସ ବିଷୟରେ ଅବଗତ ହେବା ସହିତ ଆଗାମୀ ଦିନରେ ସାମୁଦ୍ରିକ ବିଭାଗ ରେ ସାମିଲ ହେବାପାଇଁ ପିଲାମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହେବ ବୋଲି କହିଥିଲେ ଉପସ୍ଥିତ ଅଧିକାରୀ ମାନେ ।ଏହି କାର୍ଯ୍ୟକ୍ରମରେ ସିନିୟର ମେରାଇନ ଇଞ୍ଜିନିଅର ମନୋଜ କୁମାର ମହନ୍ତ ଏବଂ ଏମଏମଡି ସର୍ଭେକ୍ଷକ ପୂର୍ଣ୍ଣ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାରାଦୀପ ବନ୍ଦର ପ୍ରାଧିକରଣ ଉପ-ସରଂକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଏବଂ ଓଡିଶା ମାରିଟାଇମ ଏକାଡେମୀ ଅଧକ୍ଷ ମାନସ ରଞ୍ଜନ ବେହୁରା ଅତିଥି ଭାବେ ଉପସ୍ଥିତ ରହି ସାମୁଦ୍ରିକ ଦିବସ ଓ ମାର୍ଚ୍ଚାଣ୍ଟ ନାଭି ସପ୍ତାହ ପାଳନ ଉପରେ ଆଲୋକପାତ କରିବା ସହ ଏହି କାର୍ଯ୍ୟକ୍ରମ ପାଇଁ ଆୟୋଜକ ମାନଙ୍କୁ ପ୍ରଶଂସା କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ଏଫଏସୟୁଆଇ ଶାଖା ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ ଏବଂ ହିମାଂଶୁ ପରିଡା ସଫଳତାର ସହ ପରିଚାଳନା କରିଥିଲେ।

## ଆସିକାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାରମ୍ଭ ପୂଜା ଅନୁଷ୍ଠିତ

ଆସିକା (ମହାଭାରତ): ଚଳିତ ବର୍ଷ ଆସିକାର ବିଭିଭ ଶିକ୍ଷାନୁଷ୍ଠାନରେ ବିଦ୍ୟାରମ୍ଭ ପୂଜା ଅନୁଷ୍ଠିତ ହୋଇଯାଇଛି ।ରାଜ୍ୟ ସରକାରଙ୍କ ବିଦ୍ୟାରମ୍ଭ ଓ ପ୍ରବେଶ ଉତ୍ସବକୁ ଶିକ୍ଷା ବର୍ଷ ଆରମ୍ଭରୁ କରିବା ପାଇଁ ବାଧ୍ୟତାମୂଳକ କରିଛନ୍ତି। ଏହି ପରିପେକ୍ଷୀରେ ଆସିକା ର ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର, ଆରୀୟାନ ପବ୍ଲିକ ସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଏନ ଏ ସି ନୋଡାଲ ହାଇସ୍କୁଲ, ହରିହର ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଡି ପଲ ସ୍କୁଲ, ଆଦି ବିଭିଭ ବିଦ୍ୟାଳୟ ରେ ବିଦ୍ୟାରମ୍ଭ ପୂଜା ଅନୁଷ୍ଠିତ ହୋଇଯାଇଛି। ଆସିକା ଗାୟତ୍ରୀ ନଗର ସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ଠାରେ ପ୍ରାତଃ ସମୟରୁ ବିଦ୍ୟାଳୟ ମୁଖ୍ୟ ଫାଟକ ଠାରେ ଝୋଟି ଚିତା ଦେଇ ବିଭିଭ ପ୍ରକାର ଫୁଲ ଦ୍ୱାରା ସୁସଜ୍ଜିତ କରାଯାଇଥିଲା। ପରେ ପୁଣ୍ୟ ତୋୟା ଋଷିକୂଲ୍ୟା ନଦୀ ଠାରେ ସୂର୍ଯ୍ୟପୂଜା କରି ଜଳ ବିଦ୍ୟାଳୟ ଛାତ୍ର ଛାତ୍ରୀ ଗୁରୁଜୀ ଗୁରୁମା ମାନଙ୍କ ଦ୍ୱାରା ଅଣାଯାଇଥିଲା। ପରେ ବିଦ୍ୟାଳୟ ରେ ପ୍ରଭୁ ଶ୍ରୀ ଗଣେଷ, ମାଆ ସରସ୍ୱତୀଙ୍କ ମୂର୍ତ୍ତିରେ ନୂତନ ବସ୍ତ୍ର,ଫୁଲ ମାଳ ପ୍ରଦାନ କରାଯାଇ ବିଦ୍ୱାନ ପଣ୍ଡିତ ଦିଲ୍ଲୀପ କୁମାର କର ଙ୍କ ଦ୍ୱାରା ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ବିଦ୍ୟାରମ୍ଭ ଉତ୍ସବରେ ବିଦ୍ୟାଳୟ ସମ୍ପାଦକ କମଳେନ୍ଦୁ ହୋତା କର୍ତା ହୋଇ ହୋମ କାର୍ଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାମନ୍ଦିର ସହସମ୍ପାଦକ ଦିଲ୍ଲୀପ କୁମାର ଶତପଥୀ, ପ୍ରଧାନ ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, ଗୁରୁମା କାଦମ୍ବିନୀ ହୋତା, ଲିନା କୁମାରୀ ସ୍ୱାଇଁ, ସୁନିତା ମହାପାତ୍ର,ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ସଙ୍ଗୀତା ପାତ୍ର,କେ.ମାଧବି ଆଚାରୀ,ସନ୍ତୋଷି କୁମାରୀ ସାହୁ,ଶିବାନି ମିଶ୍ର,ରାଜେଶ କୁମାର ସ୍ୱାଇଁ,ରୋଶନୀ ଲେଙ୍କା ଶଶୀ ବେହେରାପ୍ରମୁଖ ସହଯୋଗ କରିଥିଲେ।

## ଫୁଲବାରୀରେ ହନୁମାନଜୀଙ୍କ ମନ୍ଦିର ପ୍ରତିଷ୍ଠା



କୃଷ୍ଣପ୍ରସାଦ (ମହାଭାରତ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତ ଫୁଲବାରୀ ଗ୍ରାମର ଆରାଧ ଠାକୁର ଶ୍ରୀ ଶ୍ରୀ ହନୁମାନଜୀଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ସହିତ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି । ଏନେଇ ଗ୍ରାମ ଗୁଣ୍ଡି ପୁଷ୍କରିଣୀରୁ ଶତାଧିକ ପୁରୁଷ ମହିଳା ସାମିଲ ହୋଇ କଳସ ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞ ସ୍ଥଳରେ ପହଁଚିଥିଲେ । ସମର କଳା ପାଇକ ଆଖଡ଼ା, ସଂକୀର୍ତନ ଆଦି ପାଟୁଆର ପରିବେଷଣରେ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲେ । ଶନିବାର ପ୍ରତ୍ୟୁଷରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ୨୪ ପ୍ରହର ନାମଯଜ୍ଞ, ଘୃତ ଯଜ୍ଞ, ଅଭ ଯଜ୍ଞ, ଜ୍ଞାନ ଯଜ୍ଞ ଆଦି ଆରମ୍ଭ ହୋଇଛି । ପ୍ରତିଷ୍ଠା ଉତ୍ସବ ଏବଂ ଯଜ୍ଞ କାର୍ଯ୍ୟ ପରିଚାଳନା ନିମନ୍ତେ ବିଭିଭ ଜିଲ୍ଲାରୁ ୧୦ ଜଣ ବିଦ୍ୱାନ ପଣ୍ଡିତ ନିୟୋଜିତ ହୋଇଛନ୍ତି । ଫୁଲବାରୀ ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ କୁମାର ନାୟକ, ସମ୍ପାଦକ ଅଭିମନ୍ୟୁ ମାଝୀ, ଭ୍ରମରବର ଚନ୍ଦ, ନିରଞ୍ଜନ ନାୟକ, ବିଦ୍ୟାଧର ପଲେଇ, ରାଜ କିଶୋର ଚନ୍ଦ, ପ୍ରଭାତ ମାଝୀ ଉତ୍ସବକୁ ପରିଚାଳନା କରୁଥିବା ବେଳେ ଫୁଲବାରୀ ଗ୍ରାମବାସୀ, ତିତିପ ଦୁଇ ସାହି ଗ୍ରାମବାସୀ, ଚଢ଼େୟା ଗ୍ରାମବାସୀ ଏବଂ ଗ୍ରାମ ଯୁବ ସଂଗଠନର ସଦସ୍ୟ ମାନେ ସହଯୋଗ କରୁଛନ୍ତି । ଦୀର୍ଘ ୪ ଦିନ ଧରି ଏହି ଉତ୍ସବ ଚାଲିବ ବୋଲି ଜଣାପଡିଛି । ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଗ୍ରାମ୍ୟ କମିଟି କର୍ମକର୍ତ୍ତା ଏବଂ ଯୁବକ ସଂଘକୁ ବିଭିଭ ଦାୟିତ୍ୱ ବଣ୍ଟନ କରାଯାଇଛି । ଏ ଉପଲକ୍ଷେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି ।

## ସତୀଗୁଡ଼ା ଅଞ୍ଚଳରେଦୂର ହେଲା ପାନୀୟ ଜଳ ସମସ୍ୟା

ମାଲକାନଗିରି(ମହାଭାରତ): ଜନସାଧାରଣଙ୍କ ସମସ୍ୟା ପ୍ରତି ପ୍ରଶାସନର ସମ୍ବେଦନଶୀଳତା ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି। ସତୀଗୁଡ଼ା ଅଞ୍ଚଳରେ ଦେଖାଦେଇଥିବା ପାନୀୟ ଜଳ ସମସ୍ୟାକୁ ଗୁରୁତ୍ୱର ସହ ଗ୍ରହଣ କରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ତୁରନ୍ତ ଏହାର ସମାଧାନ ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ମାନବୀୟ ଓ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ପାଇଁ ସ୍ଥାନୀୟ ଅ□ଳରେ ଏବେ ଖୁସିର ବାତାବରଣ ଦେଖିବାକୁ ମିଳିଛି ।ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯାଇଥିଲା। ଗ୍ରାମବାସୀଙ୍କ ଜଳକଷ୍ଟ ଦୂର କରିବା ପାଇଁ ୧୦ଟି ଷ୍ଟାଣ୍ଡ ପୋଷ୍ଟ ସ୍ଥାପନ କରାଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ଜନକ ବଳବନ୍ତ ରାୟଙ୍କ ସୂଚନା ଅନୁଯାୟୀ, ଆଜି ପାଞ୍ଚଟି ଷ୍ଟାଣ୍ଡ ପୋଷ୍ଟରେ ସଫଳତାର ସହ ପାଣି ଛଡ଼ାଯାଇଛି। ଆସନ୍ତାକାଲି ସୁଦ୍ଧା ସମସ୍ତ ୧୦ଟି ପୋଷ୍ଟରେ ପାଣି ପହଞ୍ଚିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଥିରେ ପିଏଚଡ଼ି କନିଷ୍ଠ ଯନ୍ତ୍ରୀ ରାମ ପ୍ରଧାନ ଓ ଏଇଇ ରୋମାନ୍ କିଷାନ୍ ଉପସ୍ଥିତ ରହି ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟ କରିଥିଲେ। ପ୍ରଶାସନର ଏଭଳି ଦ୍ରୁତ ଓ ସକାରାତ୍ମକ କାର୍ଯ୍ୟଶୈଳୀ ପାଇଁ ସତୀଗୁଡ଼ାବାସୀ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗର ସମସ୍ତ ଅଧିକାରୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।

## କୋରଡ଼ା ବାଣ ବିସ୍ଫୋରଣ ମାମଲା

# ୪ଜଣ ଗିରଫ ପରେ କୋର୍ଟ ଚାଲାଣ



ନୂଆଗାଁ (ମହାଭାରତ ): ନୂଆଗାଁ ଥାନା ଅନ୍ତର୍ଗତ କୋରଡ଼ା ଗାଁରେ ଶୁକ୍ରବାର ମଧ୍ୟାହ୍ନରେ ବାଣ ବିସ୍ଫୋରଣରେ ୬ଜଣ ଗୁରୁତର ହୋଇଥିଲେ ।ଘଟଣାସ୍ଥଳରେ ନୂଆଗାଁ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତ ଗୁରୁତର ଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୟାଗଡ଼ କୁ ଭର୍ତି କରିଥିଲା ।ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମିନାଗାଡ଼ିଆ ଗ୍ରାମର ବାପି ନାୟକ ଙ୍କ ମୃତ୍ୟୁ ହୋଇଥିଲା ।ଅନ୍ୟ ୫ଜଣ ଚିକିତ୍ସିତ ହେଉଛନ୍ତି ।ସୂଚନା ଥାଉକି କୋରଡ଼ା ଗ୍ରାମର ହାଡ଼ି ସେଠି ଦଶପଲ୍ଲା କୋରଡ଼ା ଓ ଗଣିଆ ଲଙ୍କାପୋଡି ଉତ୍ସବ ନିମନ୍ତେ ଶୁକ୍ରବାର ମଧ୍ୟାହ୍ନ ୧୨ ଘଟିକା ସମୟରେ ଅନ୍ୟ ୫ଜଣଙ୍କ ସହ ମିଶି ନିଜ ଘର ପଛପଟେ କଦଳୀ ବଗିଚାରେ ଏକ କୁଡ଼ିଆ ଥିବା ବାଣ ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିଲା । ଯାହଫଳରେ ହାଡ଼ିବନ୍ଧୁ ସେଠି ସମେତ ତାଙ୍କ ପୁଅ ନବ ସେଠି,ଗଞ୍ଜାମ ଜିଲ୍ଲା ତାରାସିଂ ଗ୍ରାମର ନାବାଳକ ଅମ୍ରିତ ସେଠି,ମିନାଗାଡ଼ିଆ ଗ୍ରାମର ବାପି ନାୟକ, ମନୋଜ ନାୟକ ସହ ୬ ଜଣ ଗୁରୁତର ହୋଇଥିଲେ ।ଏନେଇ ନୂଆଗାଁ ଥାନାରେ ଏକ ମାମଲା ରୁଜୁ ହୋଇଥିଲା ।ଏହି ଘଟଣାରେ ନୂଆଗାଁ ପୁଲିସ ୪ ଅଭିଯୁକ୍ତ ଙ୍କୁ ଗିରଫ କରିବା ସହ ବିପୁଳ ମାତ୍ରାରେ ବାରୁଦ ଜବତ କରିଥିଲା ।ଏଥିରେ ଜଡିତ ଥିବା ହେଲେ ଖୋର୍ଦ୍ଧା ଜିଲ୍ଲା ଡକର ସାହିର ନିର୍ମଳ ପ୍ରସାଦ ରାମ ଓ ତେଲେଙ୍ଗା ସାହିର ବଳଦେବ ଦୋରା, ଆହତ ହୋଇ ଚିକିତ୍ସିତ ହେଉଥିବା ମୁଖ୍ୟ ବାଣ କାରିଗର ହାଡିବନ୍ଧୁ ସେଠି ଙ୍କ ସ୍ତ୍ରୀ କୁନି ଦେଇ ଓ ଭାଇ ରମେଶ ସେଠି ଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ନୂଆଗାଁ ଥାନା ଅଧିକାରୀ ରଶ୍ମୀ ରଞ୍ଜନ ସାହୁ ସୂଚନା ଦେଇଛନ୍ତି।

## ସମାପ୍ତ ହେଲା ଜନଗଣନା ପ୍ରଶିକ୍ଷଣ



ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଓ ଏନ୍ଏସି ପାଇଁ ନିଯୁକ୍ତ ସୁପରଭାଇଜର ଓ ଏନ୍ୟୁମୁରେଟରଙ୍କ ତିନି ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଦିନ ପିଏମଶ୍ରୀ ରାଧା ମୋହନ ଜୀଉ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଠାରେ ଶେଷ ହୋଇଯାଇଛି । ଅନ୍ତିମ ଦିବସରେ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ବିଡିଓ ଶରତ କୁମାର ମଲିକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସୁପରଭାଇଜର ଓ ଏନ୍ୟୁମୁରେଟର ମାନଙ୍କୁ ସୁଚାରୁରୂପେ ଓ ସଫଳତାର ସହିତ ଦାୟିତ୍ୱ ସମ୍ପାଦନ ପାଇଁ ମାର୍ଗ ଦର୍ଶନ କରିବା ସହିତ ଉତ୍ସାହ ଓ ପ୍ରେରଣା ଯୋଗାଇଥିଲେ । ସୂଚନା ଯୋଗ୍ୟ ଯେ, ଉକ୍ତ ଜନଗଣନା ସମ୍ପୂର୍ଣ୍ଣ ଡିଜିଟାଲ ଜନଗଣନା କରାଯିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ ରୁ ୧୫ ତାରିଖ ସ୍ୱ ଜନଗଣନା ଓ ୧୬ ଏପ୍ରିଲ ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଘର ଘର ବୁଲି ଜନଗଣନା କରାଯିବ।

## ପୁଣି ଇଣ୍ଡିଗୋ ବିମାନରେ ବୋମା ଭୟ, ମିଳିଲା ଆଉ ଏକ ଧମକପୂର୍ଣ୍ଣ ନୋଟ୍




ନୂଆଦିଲ୍ଲୀ : ଗତକାଲି ସନ୍ଧ୍ୟାରେ ଦିଲ୍ଲୀ ଅଭିମୁଖେ ଯାଉଥିବା ଇଣ୍ଡିଗୋ ବିମାନକୁ ପୁଣି ମିଳିଲା ଧମକପୂର୍ଣ୍ଣ ନୋଟ୍ । ବିମାନଟିକୁ ତୁରନ୍ତ ଖାଲି କରାଯାଇଥିଲା । ଏହି ଖବର ସାମ୍ନାକୁ ଆସିବା ପରେ ବେଙ୍ଗାଲୁରୁର କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା । ସୂଚନାନୁଯାୟୀ, ଜଣେ ଯାତ୍ରୀ ବିମାନର ୱାଶରୁମରେ ଏକ ଟିସୁ ଦେଖିଥିଲେ । ଯେଉଁଥିରେ ବିମାନରେ ବୋମା ଥିବା ନୋଟ ଲେଖାଯାଇଥିବା ଦେଖିବାକୁ ମିଳିଥିଲା । ଯାହା ପରେ କ୍ୟାବିନ କ୍ରୁଙ୍କୁ ସତର୍କ କରିଥିଲେ । ସନ୍ଧ୍ୟା ପ୍ରାୟ ୭ଟାରେ ବିମାନର କର୍ମଚାରୀମାନେ ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଏହି ଘଟଣା ଘଟିଥିଲା । ଏହି ଖବର ପାଇବା ପରେ ବିମାନରେ ହଇଚଇ ସୃଷ୍ଟି ହୋଇଥିଲା । ଏମରଜେନ୍ସି ପ୍ରୋଟକଲ୍ ଅନୁସାରେ ବିମାନ କ୍ୟାପ୍ଟେନ ତୁରନ୍ତ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଇଞ୍ଚଉ) କୁ ସୂଚନା ଦେଇଥିଲେ । ପରବର୍ତ୍ତୀ ସମୟରେ ସମସ୍ତ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା ଏବଂ ବିମାନଟିର ସମ୍ପୂର୍ଣ୍ଣ ଯାଞ୍ଚ କରାଯାଇଥିଲା । ଅନ୍ୟପଟେ ସୁରକ୍ଷା ଏଜେନ୍ସି ଏହି ରିପୋର୍ଟକୁ ମିଛ କହି ଖାରଜ କରିଥିଲେ । ଯାହାର ସୂଚନା ସମ୍ପୂର୍ଣ୍ଣ ତଦନ୍ତ ହେବା ପରେ ଜଣାପଡିଥିଲା । ତଦନ୍ତ ସମୟରେ କୌଣସି ସନ୍ଦେହଜନକ ବସ୍ତୁ ମିଳିନାହିଁ । ଶେଷରେ ବିମାନଟି ସେହି ସନ୍ଧ୍ୟାରେ ଛାଡ଼ି ତା'ର ଗନ୍ତବ୍ୟସ୍ଥଳରେ ପହଞ୍ଚିଲା । ଏଥିସହ ଧମକପୂର୍ଣ୍ଣ ନୋଟ ଲେଖିଥିବା ବ୍ୟକ୍ତିଙ୍କୁ ମଧ୍ୟ ଚିହ୍ନଟ କରିବାକୁ ଚେଷ୍ଟା କରୁଛନ୍ତି ସୁରକ୍ଷା ଏଜେନ୍ସି ।

## ଏଫ-୧୫ର ବିମାନର ପାଇଲଟଙ୍କୁ ଉଦ୍ଧାର କଲା ଆମେରିକା, ସ୍ପଷ୍ଟ କଲେ ରାଷ୍ଟ୍ରପତି ଟ୍ରମ୍ପ

ଆମେରିକା : ଆମେରିକା ଶେଷରେ ଦ୍ୱିତୀୟ ପାଇଲଟଙ୍କୁ ଉଦ୍ଧାର କରିଛି । ଉଭୟ ପାଇଲଟଙ୍କ ସୁରକ୍ଷିତ ଉଦ୍ଧାର ସମ୍ପର୍କରେ ସୂଚନା ମିଳିଛି । ସ୍ପଷ୍ଟୀକରଣ କଲେ ରାଷ୍ଟ୍ରପତି ଟ୍ରମ୍ପ । ସୂଚନାନୁଯାୟୀ, ସାମରିକ ଅଭିଯାନ ସମୟରେ ଇରାନ ଏକ ଆମେରିକୀୟ ଏଫ-୧୫ର ବିମାନକୁ ଗୁଳି କରି ଖସାଇ ଦେଇଥିଲା । ଉଭୟ ପାଇଲଟ ଖସିଯାଇଥିଲେ । ଜଣେ ପାଇଲଟଙ୍କୁ ଆମେରିକୀୟ ସେନା ତୁରନ୍ତ ଉଦ୍ଧାର କରିଥିଲା । କିନ୍ତୁ ଅନ୍ୟ ପାଇଲଟଙ୍କ ସନ୍ଧାନ ଜାରି ରହିଛି । ନିଖୋଜ ଆମେରିକୀୟ ପାଇଲଟଙ୍କୁ ଖୋଜୁଛି ଏବଂ ପୁରସ୍କାର ଘୋଷଣା କରିଛି ଇରାନ୍ । ଆମେରିକୀୟ ସେନା ଏହାର ଏଫ-୧୫ଇ ଲଢୁଆ ବିମାନର ଦ୍ୱିତୀୟ ପାଇଲଟଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି ବୋଲି କୌଣସି ଏକ ସୂତ୍ରରୁ ସୂଚନା ମିଳୁଛି । ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ । ଏହାରି ମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟରେ ନିଖୋଜ ପାଇଲଟଙ୍କ ଉଦ୍ଧାର ସମ୍ପର୍କରେ ସୂଚନା ଦେଇଛନ୍ତି । ସେ ଲେଖିଛନ୍ତି ଯେ, ଏହା ଆମେରିକାର ସାମରିକ ଇତିହାସର ସବୁଠାରୁ ସାହସିକ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ମଧ୍ୟରୁ ଗୋଟିଏ। ଯାହା ସଫଳତାର ସହ ପୂର୍ଣ୍ଣ ହୋଇଛି । "ମୁଁ ଏହା ଜଣାଇ ବହୁତ ଖୁସି ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ସୁରକ୍ଷିତ ଅଛନ୍ତି," ବୋଲି ମଧ୍ୟ ଟ୍ରମ୍ପ ଲେଖିଛନ୍ତି। ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ, ''ପାଇଲଟ୍ କିଛି ଆଘାତ ପାଇଥିଲେ, କିନ୍ତୁ ଶୀଘ୍ର ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ। ପ୍ରଥମ ପାଇଲଟ୍ ପାଇଁ ଗତକାଲି ଏକ ପୂର୍ବ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆମେ ଗତକାଲିର ଉଦ୍ଧାର କାର୍ଯ୍ୟକୁ ନିଶ୍ଚିତ କରିନାହୁଁ କାରଣ ଆମେ ଆମର ଦ୍ୱିତୀୟ ଉଦ୍ଧାର କାର୍ଯ୍ୟକୁ ବିପଦରେ ପକାଇବାକୁ ଚାହୁଁନାହୁଁ । ଏହି ଅପରେସନରେ ଦୁଇଟି ଆମେରିକୀୟ ପାଇଲଟ୍ ଉଦ୍ଧାର ହୋଇଛନ୍ତି । କେବେ ହେଲେ ଆମେରିକୀୟ ଯୋଦ୍ଧାଙ୍କୁ ପଛରେ ଛାଡିବୁ ନାହିଁ । ଆମେରିକାକୁ ଈଶ୍ୱର ରକ୍ଷା କରନ୍ତୁ । ସୈନ୍ୟଙ୍କୁ ଆଶୀର୍ବାଦ କରନ୍ତୁ ଏବଂ ଇଷ୍ଟରର ଶୁଭେଚ୍ଛା ।

## ହସ୍ପିଟାଲରେ ଭର୍ତ୍ତି ହେଲେ ଟ୍ରମ୍ପ

ୱାଶିଂଟନ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଗତ କିଛି ଦିନ ହେବ ସୋସିଆଲ ମିଡିଆରେ ଜୋରଦାର ଚର୍ଚ୍ଚା ଚାଲିଛି। ସେ ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ନେଇ ଦାବି କରାଯାଉଥିବା ବେଳେ ଏବେ ହ୍ୱାଇଟ୍ ହାଉସ୍ ପକ୍ଷରୁ ଏହି ଖବରକୁ ସମ୍ପୂର୍ଣ୍ଣ



ମିଥ୍ୟା ଓ ଆଧାରହୀନ ବୋଲି କୁହାଯାଇଛି । ଇରାନ ସହିତ ଚାଲିଥିବା ଉତ୍ତେଜନା ମଧ୍ୟରେ ଟ୍ରମ୍ପଙ୍କୁ ହଠାତ 'ୱାଲ୍ଟର ରିଡ ନ୍ୟାଶନାଲ ମିଲିଟାରୀ ମେଡିକାଲ ସେଣ୍ଟର' ନିଆଯାଇଥିବା ନେଇ ଖବର ପ୍ରସାରିତ ହୋଇଥିଲା। ଏହି ଖବର ପରେ ଆମେରିକା ସମେତ ସାରା ବିଶ୍ୱରେ ଚର୍ଚ୍ଚା ବଢ଼ିଯାଇଥିଲା। ବିଶେଷ କରି ହ୍ୱାଇଟ ହାଉସ ପକ୍ଷରୁ ଦିନକ ପାଇଁ ରାଷ୍ଟ୍ରପତିଙ୍କ ସମସ୍ତ ସାଧାରଣ କାର୍ଯ୍ୟକ୍ରମକୁ ବାତିଲ କରାଯିବା ପରେ ଏହି ସନ୍ଦେହ ଆହୁରି ବଢିଥିଲା। ହ୍ୱାଇଟ ହାଉସର କମ୍ୟୁନିକେଶନ ଡାଇରେକ୍ଟର ଷ୍ଟିଭେନ ଚ୍ୟୁଙ୍ଗ ଏହି ଗୁଜବକୁ ଖଣ୍ଡନ କରି କହିଛନ୍ତି ଯେ, ରାଷ୍ଟ୍ରପତି ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ନିରନ୍ତର କାମ କରୁଛନ୍ତି। ଇଷ୍ଟର ଛୁଟି ସମୟରେ ମଧ୍ୟ ସେ ଓଭାଲ ଅଫିସରେ ରହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଛନ୍ତି। ତାଙ୍କ କାର୍ଯ୍ୟକ୍ରମରେ ପରିବର୍ତ୍ତନକୁ ସ୍ୱାସ୍ଥ୍ୟ ସହ ଯୋଡିବା ଭୁଲ ବୋଲି ସେ ପ୍ରକାଶ କରିଛନ୍ତି। ୭୯ ବର୍ଷୀୟ ଟ୍ରମ୍ପଙ୍କ ବୟସ ଏବଂ ଶାରୀରିକ ସ୍ଥିତିକୁ ନେଇ ପୂର୍ବରୁ ମଧ୍ୟ ଅନେକ ପ୍ରଶ୍ନ ଉଠିଛି। କିଛି ଦିନ ପୂର୍ବରୁ ତାଙ୍କ ହାତରେ ନୀଳ ଦାଗ ଦେଖିବାକୁ ମିଳିଥିଲା, ଯାହାକୁ ହ୍ୱାଇଟ ହାଉସ 'ଆସ୍ପିରିନ' ସେବନ ଯୋଗୁ ହୋଇଥିବା କହିଥିଲା। ତାଙ୍କ ପାଦରେ ଫୁଲା ଦେଖାଯିବା ପରେ ଡାକ୍ତରୀ ପରୀକ୍ଷାରୁ ଜଣାପଡିଥିଲା ଯେ ସେ 'କ୍ରୋନିକ ଭେନସ ଇନସଫିସିଏନ୍ସି' ନାମକ ଏକ ସାଧାରଣ ରୋଗରେ ପୀଡିତ, ଯାହା ବୟସ୍କ ଲୋକଙ୍କ କ୍ଷେତ୍ରରେ ସାଧାରଣ। ଏବେ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟ ବିଷୟରେ ଚାଲିଥିବା ଖବରଗୁଡ଼ିକ କେବଳ ସୋସିଆଲ ମିଡିଆର ଏକ ଗୁଜବ ବୋଲି ପ୍ରମାଣିତ ହୋଇଛି ଏବଂ ସେ ନିଜ ଦାୟିତ୍ୱ ତୁଲାଉଛନ୍ତି।

# ଯୁଦ୍ଧ ଭିତରେ ଭାରତ ଠାରୁ ମିସାଇଲ କିଣିଲା ଆମେରିକା, ବିଶ୍ୱରେ ଚହଲ

ନୂଆଦିଲ୍ଲୀ : ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ପ୍ରତିରକ୍ଷା ରପ୍ତାନି ସର୍ବକାଳୀନ ସର୍ବାଧିକ ସ୍ତରରେ ପହଞ୍ଚିଛି। ଏହା ବିଶ୍ୱ ଅସ୍ତ୍ରଶସ୍ତ୍ର ବଜାରରେ ଭାରତର ବର୍ଦ୍ଧିତ ଉପସ୍ଥିତିକୁ ସ୍ପଷ୍ଟ କରେ। ପ୍ରତିରକ୍ଷା ମନ୍ତ୍ରଣାଳୟର ତଥ୍ୟରୁ ଜଣାପଡିଛି ଯେ ୨୦୨୫-୨୬ରେ ଭାରତର ପ୍ରତିରକ୍ଷା ରପ୍ତାନି ୩୮,୪୨୪ କୋଟିକୁ ବୃଦ୍ଧି ପାଇଛି। ଏହା ଏପର୍ଯ୍ୟନ୍ତ ରେକର୍ଡ ହୋଇଥିବା ସର୍ବୋଚ୍ଚ ସ୍ତର। ଏହା ୨୦୧୬-୧୭ରେ ୧,୫୨୨ କୋଟି ତୁଳନାରେ ପ୍ରାୟ ୨୫ ଗୁଣ ବୃଦ୍ଧିକୁ ପ୍ରତିନିଧିତ୍ୱ କରେ, ଯାହା ଗତ ଦଶନ୍ଧିରେ ଏହି କ୍ଷେତ୍ରରେ ଦେଖାଯାଇଥିବା ବିଶାଳ ପ୍ରସାରକୁ ଉଲ୍ଲେଖ କରେ। ସାମାନ୍ୟ ଉତ୍ଥାନ-ପ୍ରବାହ ସତ୍ତ୍ୱେ, ରପ୍ତାନିରେ ଏହି ଊର୍ଦ୍ଧ୍ୱଗାମୀ ଗତି ସ୍ଥିର ଥିବା ପରି ମନେହୁଏ। ୨୦୧୮-୧୯ରେ ପ୍ରତିରକ୍ଷା ରପ୍ତାନି ପ୍ରଥମେ ୧୦,୦୦୦ କୋଟି ଅତିକ୍ରମ କରିଥିଲା। ପରବର୍ତ୍ତୀ ସମୟରେ, କୋଭିଡ-୧୯ ମହାମାରୀ ସମୟରେ ସାମାନ୍ୟ ହ୍ରାସ ଘଟିଥିଲା। ତଥାପି, ୨୦୨୧-୨୨ ପରଠାରୁ ରପ୍ତାନି ଦ୍ରୁତ ଅଭିବୃଦ୍ଧି ପାଇଛି। କେବଳ ୨୦୨୩-୨୪ ଏବଂ ୨୦୨୫-୨୬ ମଧ୍ୟରେ, ରପ୍ତାନି ୨୧,୦୮୩ କୋଟିରୁ ବୃଦ୍ଧି ପାଇ ୩୮,୪୨୪ କୋଟିରେ ପହଞ୍ଚିଛି। ଏହା ଭାରତରେ ନିର୍ମିତ ପ୍ରତିରକ୍ଷା ଉପକରଣ ଏବଂ ସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ଚାହିଦାକୁ ଦର୍ଶାଉଛି। ସରକାର ୨୦୨୯ ସୁଦ୍ଧା ପ୍ରତିରକ୍ଷା ରପ୍ତାନିକୁ ୫୦,୦୦୦ କୋଟିକୁ ବୃଦ୍ଧି କରିବାକୁ



ଲକ୍ଷ୍ୟ ରଖିଛନ୍ତି। ଭାରତର ପ୍ରତିରକ୍ଷା ରପ୍ତାନି ପୋର୍ଟଫୋଲିଓ ଆଉ କ୍ଷୁଦ୍ର ଉପାଦାନ ମଧ୍ୟରେ ସୀମିତ ନୁହେଁ; ଏହାର ପରିସର ଯଥେଷ୍ଟ ବିସ୍ତାର ହୋଇଛି। ଭାରତ ବର୍ତ୍ତମାନ ବିଭିନ୍ନ ପ୍ରକାରର ସାମଗ୍ରୀ ରପ୍ତାନି କରୁଛି । ତେଜସ ଲଢୁଆ ବିମାନ ଠାରୁ ଆରମ୍ଭ କରି ବ୍ରହ୍ମୋସ ସୁପରସୋନିକ କ୍ରୁଜ ମିସାଇଲ, ପିନାକା ମଲ୍ଟି-ବ୍ୟାରେଲ ରକେଟ ଲଞ୍ଚର୍, ରାଡାର, ଆର୍ମର୍ଡ ଯାନ, ଡ୍ରୋନ ଆଣ୍ଟି-ଡ୍ରୋନ ସିଷ୍ଟମ, ଧ୍ରୁବ ଏବଂ ପ୍ରଚଣ୍ଡ ହେଲିକପ୍ଟର, ଆକାଶ ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ର ପ୍ରଣାଳୀ, ବୁଲେଟପ୍ରୁଫ ଜ୍ୟାକେଟ ଏବଂ ଗୋଳାବାରୁଦ – ଯାହାର ବିଶ୍ୱ ବଜାରରେ ଉଚ୍ଚ ଚାହିଦା ରହିଛି। ଭାରତ ବର୍ତ୍ତମାନ ୧୦୦ ରୁ ଅଧିକ ଦେଶକୁ ପ୍ରତିରକ୍ଷା ଉପକରଣ ରପ୍ତାନି କରୁଛି। ଏହି ତାଲିକାର ଶୀର୍ଷରେ ରହିଛି ଆମେରିକା, ଯାହା ଭାରତଠାରୁ ବିମାନ ଫ୍ୟୁଜେଜ, ସବ-ସିଷ୍ଟମ ଏବଂ ଯନ୍ତ୍ରାଂଶ କ୍ରୟ କରେ। ଆମେରିକା ପରେ, ଏହି ତାଲିକାରେ ଫ୍ରାନ୍ସ, ଆର୍ମେନିଆ, ଫିଲିପାଇନ୍ସ, ଜର୍ମାନୀ, ଇସ୍ରାଏଲ, ଇଣ୍ଡୋନେସିଆ ଏବଂ ମିଶର ଭଳି ଅନେକ ରାଷ୍ଟ୍ର ଅନ୍ତର୍ଭୁକ୍ତ।

## ଡ୍ରୋନ୍ ଦୁର୍ଘଟଣାଗ୍ରସ୍ତ ହେବା ପରେ ସେଫେଇ ଗାଁରେ ଭୟ- ଅଖିଳେଶ କହିଲେ, ସରକାର ଘଟଣାର ତଦନ୍ତ କରି କୃଷକଙ୍କୁ କ୍ଷତିପୂରଣ ଦିଅନ୍ତୁ



ଲକ୍ଷ୍ନୌ: ଉତ୍ତର ପ୍ରଦେଶର ସେଫେଇରେ ଏକ ଘରୋଇ କମ୍ପାନିର ଡ୍ରୋନ୍ ପରୀକ୍ଷଣବେଳେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଗାଁରେ ଆତଙ୍କ ଖେଳି ଯାଇଥିଲା। ଆମେରିକା-ଇରାନ ଯୁଦ୍ଧ ଯୋଗୁ ଲୋକଙ୍କ ମନରେ ଭୟର ବାତାବରଣ ଥିବାବେଳେ ଗ୍ରାମବାସୀ ଡ୍ରୋନ୍ ଦୁର୍ଘଟଣାରେ ଭୟଭୀତ ହୋଇଯାଇଥିଲେ। ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ 'ଏକ୍ସ'ରେ ଏକ ପୋଷ୍ଟ କରି ଲୋକଙ୍କୁ ଡ୍ରୋନ୍ ପରୀକ୍ଷଣ ନେଇ ପୂର୍ବ ସୂଚନା ନଦେବାକୁ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଅଖିଳେଶ କହିଛନ୍ତି, ଯୁଦ୍ଧର ବାତାବରଣ ମଧ୍ୟରେ ଇଟାୱା ଜିଲ୍ଲାର ସେଫେଇର ନନ୍ଦପୁର ଗାଁର ଜଣକ ଗହମ ଖେତ ଉପରେ ଡ୍ରୋନ ଖସି ପଡ଼ିବା ଯୋଗୁଁ ଗାଁରେ ଭୟ ଓ ଆତଙ୍କ ଖେଳିଯାଇଥିଲା। ଯୁଦ୍ଧ କ୍ଷେପଣାସ୍ତ୍ର ଭୁଲରେ ସେଠାରେ ଖସି ପଡ଼ିଥିବା ଲୋକମାନେ ମନେକରିଥିଲେ। ଯଦି ଡ୍ରୋନ୍ ଲୋକଙ୍କ ଘର ଉପରେ ପଡ଼ିଥାନ୍ତା ତାହା ହେଲେ ଧନଜୀବନ ନଷ୍ଟ ହୋଇଥାନ୍ତା। ଭବିଷ୍ୟତରେ ଏପରି ପରୀକ୍ଷଣ ନିର୍ଜନ ଅଞ୍ଚଳରେ କରାଯାଉ ବୋଲି ଅଖିଳେଶ କହିଥିଲେ। ସରକାର ଏହି ଘଟଣାର ତଦନ୍ତ କରି ଆର୍ଥିକ କ୍ଷତି ତଥା ମାନସିକ ଆଘାତର ଉଚିତ ମୂଲ୍ୟାଙ୍କନ କରି କୃଷକଙ୍କୁ କ୍ଷତିପୂରଣ ଦିଅନ୍ତୁ ବୋଲି ଅଖିଳେଶ କହିଛନ୍ତି।

## ପଶ୍ଚିମ ଏସିଆ ଯୁଦ୍ଧ ମଧ୍ୟରେ ଟ୍ରମ୍ପଙ୍କ ପୁଅଙ୍କ ଡ୍ରୋନ୍ ବ୍ୟବସାୟକୁ ନେଇ ବିବାଦ



ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦୁଇ ପୁଅ ଏରିକ୍ ଟ୍ରମ୍ପ ଓ ଡୋନାଲ୍ଡ ଟ୍ରମ୍ପ ଜୁନିଅରଙ୍କ ସହାୟତାରେ ଫ୍ଲୋରିଡା ଭିତ୍ତିକ ଡ୍ରୋନ୍ ଷ୍ଟାର୍ଟଅପ୍ ''ପାୱାରସ୍'' ବର୍ତ୍ତମାନ ପଶ୍ଚିମ ଏସିଆରେ ଚାଲିଥିବା ଘମାଘୋଟ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଉପସାଗରୀୟ ଦେଶଗୁଡ଼ିକୁ ନିଜର ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିକ୍ରି କରିବା ପାଇଁ ପ୍ରୟାସ ଆରମ୍ଭ କରିଥିବାବେଳେ ଏହାକୁ ନେଇ ପ୍ରବଳ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଗତ ଫେବୃଆରୀ ୨୮ ତାରିଖରେ ହୋଇଥିବା ସମନ୍ୱିତ ଆକ୍ରମଣ ପରେ ଇରାନର ବିପଦକୁ ସାମ୍ନା କରୁଥିବା ଆରବ ଦେଶଗୁଡ଼ିକୁ କମ୍ପାନୀ ନିଜର ଇଣ୍ଟରସେପ୍ଟର ସିଷ୍ଟମ ପ୍ରଦର୍ଶନ କରୁଛି, ଯାହାକୁ ନେଇ ପୂର୍ବତନ ସରକାରୀ ଅଧିକାରୀ ରିଚାର୍ଡ ପେଣ୍ଟର କଠୋର ସମାଲୋଚନା କରି କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ପରିବାର ଯୁଦ୍ଧରୁ ଅର୍ଥ ରୋଜଗାର କରିବା ପାଇଁ ଏହି ବ୍ୟବସାୟିକ ସୁଯୋଗକୁ ବ୍ୟବହାର କରୁଛନ୍ତି ଏବଂ ଏହି ଦେଶଗୁଡ଼ିକ ଉପରେ ଏକ ପ୍ରକାର ଚାପ ସୃଷ୍ଟି ହେଉଛି। ଅନ୍ୟପଟେ କମ୍ପାନିର ସହ-ପ୍ରତିଷ୍ଠାତା ବ୍ରେଟ୍ ଭେଲିକୋଭିଚ୍ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଆମେରିକୀୟ ଶିଳ୍ପର ବିକାଶ ଭାବରେ ଦର୍ଶାଇ କହିଛନ୍ତି ଯେ ବିଶ୍ୱସ୍ତରୀୟ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାରେ ଆଗରେ ରହିବା ଏବଂ ଜୀବନ ରକ୍ଷା କରିବା ପାଇଁ ଏହି ଉନ୍ନତ ପ୍ରଯୁକ୍ତିବିଦ୍ୟା ଅତ୍ୟନ୍ତ ଆବଶ୍ୟକ। ଯେତେବେଳେ ପଶ୍ଚିମ ଏସିଆରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସାମରିକ ସଂଘର୍ଷ ଚରମ ସୀମାରେ ପହଞ୍ଚିଛି, ସେତେବେଳେ ରାଷ୍ଟ୍ରପତିଙ୍କ ପରିବାରର ଏହି ନିବେଶକୁ ନେଇ ନୈତିକତା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏରିକ୍ ଟ୍ରମ୍ପ ଏହି ନିବେଶକୁ ନେଇ ନିଜକୁ ଗର୍ବିତ ବୋଲି କହିଥିବାବେଳେ ସମାଲୋଚକମାନେ ଏହାକୁ କ୍ଷମତାର ଅପବ୍ୟବହାର ଓ କଂଗ୍ରେସର ବିନା ସମ୍ମତିରେ ଚାଲିଥିବା ଯୁଦ୍ଧରୁ ଫାଇଦା ଉଠାଇବା ବୋଲି କହିଛନ୍ତି। ବିଶେଷ କରି ଇରାନ ଦ୍ୱାରା ଆମେରିକୀୟ ବିମାନ ଖସାଇ ଦିଆଯିବା ପରେ ଉତ୍ତେଜନା ବଢିଛି, ମାତ୍ର ରାଷ୍ଟ୍ରପତି ଟ୍ରମ୍ପ ଏହା ଦ୍ୱାରା ଶାନ୍ତି ଆଲୋଚନା ପ୍ରଭାବିତ ହେବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ଆପକୁ ନେଇ ନୂଆ ଭିଡ଼ିଓ ଜାରି କଲେ ରାଘବ ଚଡ୍ଢା

ନୂଆଦିଲ୍ଲୀ : ରାଜ୍ୟ ସଭାରେ ଉପନେତା ପଦରୁ ତାଙ୍କୁ ହଟାଇବା ପରେ, ଆମ ଆଦମୀ ପାର୍ଟି (ଆପ) ନେତା ଏବଂ ରାଘବ ଚଡ୍ଢାଙ୍କ ମଧ୍ୟରେ ବାକ ଯୁଦ୍ଧ ତୀବ୍ର ହୋଇଛି। ସୋସିଆଲ ମିଡିଆ ମାଧ୍ୟମରେ ଉଭୟ ପକ୍ଷ ଆରୋପ ଓ ପ୍ରତିଆରୋପ ଆରମ୍ଭ କରୁଛନ୍ତି। ଏବେ, ରାଘବ ଚଡ୍ଢା ଏକ ନୂତନ ଭିଡିଓ ପ୍ରକାଶ କରିଛନ୍ତି ଯେଉଁଥିରେ ସେ କହିଛନ୍ତି, 'ଏହା କେବଳ ଏକ ଛୋଟ ଟ୍ରେଲରଙ୍କ ଚଳଚ୍ଚିତ୍ର ଆସିବାକୁ ବାକି ଅଛି।' ତାଙ୍କ ଅଫିସିଆଲ 'ଏକ୍ସ' ଆକାଉଣ୍ଟରେ ଭିଡିଓ ପୋଷ୍ଟ କରି, ରାଘବ ଚଡ୍ଢା ଲେଖିଛନ୍ତି: 'ଆପରେ ଥିବା ମୋର ସହକର୍ମୀମାନଙ୍କ ପାଇଁ ଯେଉଁମାନେ 'ରାଘବ ଚଡ୍ଢା ସଂସଦରେ ପଞ୍ଜାବର ପ୍ରସଙ୍ଗ ଉଠାଇବାରେ ବିଫଳ ହୋଇଛନ୍ତି' ବୋଲି ଦାବି କରି ଭିଡିଓ ପ୍ରକାଶ କରିବାକୁ ବାଧ ଅନୁଭବ କରିଥିଲେ – ଏହା କେବଳ ଏକ ଛୋଟ ଟ୍ରେଲରଙ୍କ ଚଳଚ୍ଚିତ୍ର ଆସିବାକୁ ବାକି ଅଛି।' ସେ ତାଙ୍କ ପୋଷ୍ଟରେ ଆହୁରି କହିଛନ୍ତି: 'ମୋ ପାଇଁ, ପଞ୍ଜାବ କେବଳ ଆଲୋଚନାର ବିଷୟ ନୁହେଁ। ଏହା ମୋର ଘର, ମୋର କର୍ତ୍ତବ୍ୟ, ମୋର ମାଟି ଏବଂ ମୋର ଆତ୍ମା।'

ରାଜ୍ୟ ସଭା ଏମପି ରାଘବ ଚଡ୍ଢା ଉଚ୍ଚ ସଦନରେ ଦଳ ମଧ୍ୟରେ ତାଙ୍କ ପ୍ରତିଷ୍ଠା ହ୍ରାସ ପାଇବା ପରେ ଶୀର୍ଷ ନେତାମାନଙ୍କ ଦ୍ୱାରା ତାଙ୍କ ବିରୁଦ୍ଧରେ କରାଯାଇଥିବା ସମାଲୋଚନାର ଜବାବ ଦେଇଛନ୍ତି। ରାଜ୍ୟ ସଭାରେ ଉପନେତା ପଦରୁ ହଟାଇବା ପରେ, ଚଡ୍ଢା ଏକ ଭିଡିଓ ବାର୍ତ୍ତା ଜାରି କରିଥିଲେ ଯେଉଁଥିରେ ସେ କେବଳ ଦଳର ବରିଷ୍ଠ ନେତାମାନଙ୍କ ଦ୍ୱାରା ଉଠାଯାଇଥିବା ପ୍ରଶ୍ନର ଉତ୍ତର ଦେଇନଥିଲେ ବରଂ ତାଙ୍କ ବିଶ୍ୱସ୍ତତା ଉପରେ ପ୍ରଶ୍ନ ଉଠାଇଥିବା ଲୋକଙ୍କୁ 'ମାରାତ୍ମକ' ଚେତାବନୀ ମଧ୍ୟ ଦେଇଥିଲେ।

ସେ ଘୋଷଣା କରିଥିଲେ: 'ମୋ ବିରୁଦ୍ଧରେ ଅଭିଯୋଗ କରୁଥିବା ପ୍ରତ୍ୟେକ ମିଛର ପର୍ଦ୍ଦାଫାସ ହେବ। ମୁଁ ଆହତ; ତେଣୁ, ମୁଁ ମାରାତ୍ମକ।" ଚଡ୍ଢା ସଞ୍ଜୟ ସିଂହ, ଆତିଶୀ ଏବଂ ସୌରଭ ଭରଦ୍ୱାଜଙ୍କ ପରି ବରିଷ୍ଠ



ଆପ ନେତାମାନଙ୍କ ଦ୍ୱାରା ତାଙ୍କ ବିରୁଦ୍ଧରେ ଲଗାଯାଇଥିବା ଅଭିଯୋଗ – ଯେପରିକି 'କାପୁରୁଷ' -କୁ ଏକ 'ସଙ୍ଗଠିତ ଆକ୍ରମଣ' ବୋଲି କହିଥିଲେ।

୨ ମିନିଟ ୪୦ ସେକେଣ୍ଡର ଭିଡିଓ ବାର୍ତ୍ତାରେ, ସେ ଦୃଢ଼ ଭାବରେ କହିଥିଲେ ଯେ ତାଙ୍କ ବିରୁଦ୍ଧରେ ଅଭିଯୋଗ କରୁଥିବା ସମସ୍ତ ଲୋକ ସମାନ ଭାଷା କହୁଛନ୍ତି – ଯାହା ସେମାନଙ୍କ ପାଇଁ ରଚିତ ହୋଇଛି।

ସେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଚଡ୍ଢା ପଚାରିଥିଲେ: 'ସଂସଦରେ ସାଧାରଣ ଲୋକଙ୍କ ସମସ୍ୟା ଉଠାଇବା କ'ଣ ଅପରାଧ' ଗୃହ ମଧ୍ୟରେ ବିରୋଧୀ ପଦଯାତ୍ରାରେ ଅଂଶଗ୍ରହଣ କରିବାରେ ବିଫଳ ହୋଇଥିବା ଅଭିଯୋଗକୁ ଚ୍ୟାଲେଞ୍ଜ କରି ସେ କହିଥିଲେ: 'ସଦନର ସମସ୍ତ କାର୍ଯ୍ୟ ରେକର୍ଡ କରାଯାଇଛି; ସିସିଟିଭି ଫୁଟେଜ ପ୍ରକାଶ କରାଯାଉ, ଏବଂ ସତ୍ୟ ପ୍ରକାଶିତ ହେବ।'

ସେ ମୁଖ୍ୟ ନିର୍ବାଚନ କମିଶନରଙ୍କ ସମ୍ପର୍କିତ ଏକ ପ୍ରସ୍ତାବରେ ସ୍ୱାକ୍ଷର କରିବାରେ ବିଫଳ ହୋଇଥିବା ଅଭିଯୋଗକୁ ମଧ୍ୟ ଖାରଜ କରିଛନ୍ତି। ଦଳର ରାଜ୍ୟସଭାରେ ୧୦ ଜଣ ସଂସଦ ସଦସ୍ୟ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଛଅ କିମ୍ବା ସାତ ଜଣ ନିଜେ ଏହି ଆବେଦନରେ ସ୍ୱାକ୍ଷର କରି ନାହାଁନ୍ତି। ସେ କହିଛନ୍ତି, 'ଯେଉଁମାନେ ଭୟରେ ସଂସଦରେ ସାମାନ୍ୟ ପ୍ରସଙ୍ଗ ଉଠାଇବା ପାଇଁ ମୋତେ ଅଭିଯୋଗ କରନ୍ତି, ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ମୁଁ ସଂସଦକୁ ଚିତ୍କାର କରିବାକୁ, ଗାଳିଗୁଲଜ କରିବାକୁ କିମ୍ବା ମାଇକ୍ରୋଫୋନ ଭାଙ୍ଗିବାକୁ ଯାଇ ନଥିଲି। ମୁଁ ଜନସାଧାରଣଙ୍କ ସମ୍ପର୍କିତ ପ୍ରସଙ୍ଗ ଉଠାଇବାକୁ ସେଠାକୁ ଯାଇଥିଲି। ସର୍ବୋପରି, ମୁଁ କେଉଁ ପ୍ରସଙ୍ଗ ଉଠାଇବାରେ ବିଫଳ ହୋଇଛି ?'

ସେ ଆହୁରି କହିଛନ୍ତି ଯେ ସେ ଜିଏସଟି ଠାରୁ ଜଳ ପର୍ଯ୍ୟନ୍ତ ସବୁକିଛି ଉପରେ ଆଲୋଚନା କରିଛନ୍ତି – ବିଶେଷକରି, ପଞ୍ଜାବର ଜଳ ପ୍ରସଙ୍ଗ ଠାରୁ ଦିଲ୍ଲୀର ବାୟୁ ଗୁଣବତ୍ତା ପର୍ଯ୍ୟନ୍ତ। ସେ ବେକାରୀ ଠାରୁ ମୁଦ୍ରାସ୍ଫୀତି ପର୍ଯ୍ୟନ୍ତ ପ୍ରସଙ୍ଗ ଉଠାଇଛନ୍ତି। 'ମୋର ଟ୍ରାକ ରେକର୍ଡ ଉପରେ ନଜର ପକାନ୍ତୁ। ମୁଁ ସାଧାରଣ ଲୋକଙ୍କ ଚିନ୍ତା ଉଠାଇବା ପାଇଁ ସ୍ୱତନ୍ତ୍ର ଭାବରେ ସଂସଦକୁ ଯାଇଥିଲି।' ଏହି ପ୍ରସଙ୍ଗରେ ଆମ ଆଦମୀ ପାର୍ଟିର ମତାମତ ଲୋଡା ଯାଇଥିଲା, କିନ୍ତୁ ସେମାନଙ୍କ ସହ ଯୋଗାଯୋଗ ହୋଇପାରିଲା ନାହିଁ।

# ଏଲ୍ଏସ୍‌ଜିର ପ୍ରଥମ ବିଜୟ



ନୂଆଦିଲ୍ଲୀ : ଚଳିତ ଆଇପିଏଲରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ପ୍ରଥମ ବିଜୟ । ହାଇଦ୍ରାବାଦକୁ ୫ ୱିକେଟରେ ହରାଇଲା ଲକ୍ଷ୍ନୌ । ୧୫୭ ରନର ବିଜୟ ଲକ୍ଷ୍ୟକୁ ଗୋଟିଏ ବଲ ପୂର୍ବରୁ ପୂରଣ କରି ନେଇଛି ପନ୍ତ ବାହିନୀ । ଲକ୍ଷ୍ନୌ ପକ୍ଷରୁ ଓପନର ଇଡେନ ମାକ୍ରମ ୪୫ ରନର ମୂଲ୍ୟବାନ ପାଳି ଖେଳିଥିବାବେଳେ ସାଥୀ ଖେଳାଳି ମିଚେଲ ମାର୍ଶ ୧୨ ବଲରୁ ୧୪ ରନ୍ କରିବାରେ ସକ୍ଷମ ହୋଇଛନ୍ତି । ଦଳର ଅଧିନାୟକ ଋଷଭ ପନ୍ତ ଜଗି ରଖି ଖେଳିଥିଲେ । ସେ ୫୦ ବଲରୁ ୬୮ ରନ୍ କରିଛନ୍ତି । ଯାହାକି ଦଳକୁ ବିଜୟୀ କରିବାରେ ସହଯୋଗ କରିଛି । ସାଥୀ ଖେଳାଳି ଆଉଟ୍ ହେଉଥିଲେ ହେଲେ ସେ ଅପରାଜିତ ରହି ଦଳକୁ ବିଜୟୀ କରାଇଛନ୍ତି । ହାଇଦ୍ରାବାଦ ପକ୍ଷରୁ ହର୍ଷ ଦୁବେ ୨ ୱିକେଟ୍ ଅକ୍ତିଆର କରିଥିବାବେଳେ ଇଶାନ ମଲିଙ୍ଗା ଏବଂ ଶିବାଙ୍ଗ କୁମାର ଗୋଟିଏ ଲେଖାଏ ୱିକେଟ୍ ନେବାରେ ସଫଳ ହୋଇଥିଲେ । ଦଳର ବାକି ବୋଲର ୱିକେଟ୍ ଲେସ୍ ରହିଥିଲେ ।

ଟସ୍ ଜିତି ପ୍ରଥମ ବୋଲିଂ ନିଷ୍ପତ୍ତି ନେଇଥିଲା ଲକ୍ଷ୍ନୌ । ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା ଲକ୍ଷ୍ନୌ । ୨୬ ରନରେ ଦଳ ୪ଟି ୱିକେଟ୍ ହରାଇଥିଲା । ଆଜିର ମ୍ୟାଚ୍‌ରେ ଫ୍ଲପ୍ ହୋଇଛନ୍ତି ଦୁଇ ଓପନର । ଟ୍ରାଭିସ୍ ହେଡ ୭ କରିଥିବାବେଳେ ଅଭିଶେକ ଶର୍ମା ଖାତା ଖୋଲିବା ପୂର୍ବରୁ ପାଭିଲିୟନ ଫେରିଥିଲେ । ପରେ ଇଶାନ କିଷନ ମାତ୍ର ୧ ରନ କରିଥିବାବେଳେ ଲିଭିଙ୍ଗଷ୍ଟନ୍ ୧୪ ରନ କରିଥିଲେ । ୨୬ ରନରେ ୪ ୱିକେଟ ହରାଇ ଚିନ୍ତାରେ ପଡ଼ିଥିଲା । ପରେ କ୍ଲାସେନ ଏବଂ ନୀତିଶ କୁମାର ରେଡ୍ଡି ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ । ଏହି ଦୁଇ ଖେଳାଳି ଆଉଟ୍ ହେବା ପରେ ଦଳୀୟ ସ୍କୋରରେ ବଡ଼ ପରିବର୍ତ୍ତନ ହୋଇନଥିଲା । ଶେଷରେ ଦଳ ୯ ୱିକେଟ୍ ହରାଇ ୧୫୬ ରନ୍ କରିବାରେ ସକ୍ଷମ ହୋଇଥିଲା । ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ କରିଥିବା ହାଇଦ୍ରାବାଦ ପାଇଁ ସଙ୍କଟମୋଚକ ସାଜିଥିଲେ ହେନରି କ୍ଲାସେନ୍ ଏବଂ ନୀତିଶ କୁମାର ରେଡ୍ଡି । କ୍ଲାସେନ୍ ୪୧ ବଲରୁ ୬୨ ରନ କରିଥିବାବେଳେ ନୀତିଶ କୁମାର ରେଡ୍ଡି ୩୩ ବଲରୁ ୫୬ ରନ କରିଛନ୍ତି । ସେପଟେ ଲକ୍ଷ୍ନୌପକ୍ଷରୁ ମହମ୍ମଦ ସାମି, ଆଭେଶ ଖାନ ଏବଂ ପ୍ରିନ୍ସ ଯାଦବ ଦୁଇଟି ଲେଖାଏଁ ୱିକେଟ୍ ନେଇଛନ୍ତି । ଦିଗେବଶ ରାଠି ଏବଂ ସିଦ୍ଧାର୍ଥ ଗୋଟିଏ ଲେଖାଏଁ ୱିକେଟରେ ସନ୍ତୁଷ୍ଟ ହୋଇଛନ୍ତି । ଆଜିର ମ୍ୟାଚ୍‌ରେ ଲକ୍ଷ୍ନୌର ୭ ଜଣ ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କ ଛୁଇଁବାରେ ସକ୍ଷମ ହୋଇନଥିଲେ ।

ବିଶ୍ୱ ପାରା ଆର୍‌ଚେରୀ ରାଙ୍କିଙ୍ଗ୍ ସିରିଜ;

# ସ୍ୱର୍ଣ୍ଣ ଜିତିଲେ ପାୟଲ

ଭୁବନେଶ୍ୱର,୫।୪: ଥାଇଲାଣ୍ଡର ବ୍ୟାଙ୍କକ୍ ଠାରେ ଚାଲିଥିବା ବିଶ୍ୱ ପାରା ଆର୍‌ଚେରୀ ରାଙ୍କିଙ୍ଗ୍ ସିରିଜରେ ଓଡିଶାର ପାୟଲ ନାଗ ସବୁଠୁ ବଡ ବିପର୍ଯ୍ୟୟ ଘଟାଇଛନ୍ତି । ମହିଳା କମ୍ପାଉଣ୍ଡ୍ ଫାଇନାଲରେ ସେ ୧୩୯- ୧୩୬ରେ ବିଶ୍ୱ ଚାମ୍ପିଅନ୍ ତଥା ଟପ୍ ସିଡ୍ ଶୀତଳ ଦେବୀଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିବା ସହ ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି । ଏହି ସ୍ୱର୍ଣ୍ଣିମ ସଫଳତା ପାଇଁ ପାୟଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।



୧୯ ବର୍ଷୀୟା ପାୟଲ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ । ପୂର୍ବରୁ ସେମି ଫାଇନାଲ୍‌ରେ ସେ ୧୪୪-୧୪୦ରେ ଦ୍ୱିତୀୟ ସିଡ୍ କାଜାଖସ୍ତାନର ଝନତ ଆଇତିମୋଭାଙ୍କୁ ପରାସ୍ତ କରିଥିଲେ । ଚଳିତ ରାଙ୍କିଙ୍ଗ୍ ସିରିଜରେ ପାୟଲ ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଛନ୍ତି । ଗତ ଶୁକ୍ରବାର ସେ କମ୍ପାଉଣ୍ଡ୍ ମହିଳା ଡବଲ୍ସରେ ଶୀତଳଙ୍କୁ ସାଥୀ କରି ଦେଶକୁ ପ୍ରଥମ ସ୍ୱର୍ଣ୍ଣ ଭେଟି ଦେଇଥିଲେ । ଫାଇନାଲ୍‌ରେ ଭାରତୀୟ ଯୋଡି ୧୫୦-୧୪୭ରେ କାଜାଖସ୍ତାନ ଯୋଡିଙ୍କୁ ପରାଜିତ କରିଥିଲେ । ସେହିପରି ପୁରୁଷ କମ୍ପାଉଣ୍ଡ୍ ଓପନରେ ବିଶ୍ୱ ଚାମ୍ପିଅନ୍ ଭାରତୀୟ ତୀରନ୍ଦାଜ ତୋମାନ କୁମାର ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇଛନ୍ତି । ଫାଇନାଲ୍‌ରେ ସେ ୧୪୬-୧୪୨ରେ ଅଷ୍ଟ୍ରେଲିଆର ଜୋନାଥନ ମିଲନେଙ୍କୁ ପରାଜିତ କରି ସ୍ୱର୍ଣ୍ଣ ହାସଲ କରିଛନ୍ତି । ଚଳିତ ସିରିଜରେ ଏହା ତୋମାନଙ୍କର ହ୍ୟାଟ୍ରିକ ସ୍ୱର୍ଣ୍ଣ ରହିଥିଲା । ପୂର୍ବରୁ ସେ ମିକ୍ସଡ୍ ଟିମ୍ ଏବଂ ପୁରୁଷ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ।ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ''ବ୍ୟାଙ୍କକରେ ଆୟୋଜିତ ବିଶ୍ୱ ପାରା ଆର୍‌ଚେରୀ ସିରିଜ୍‌ରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଥିବା ପ୍ରତିଭାବାନ କ୍ରୀଡ଼ାବିତ ପାୟଲ ନାଗଙ୍କୁ ଅନେକ ଅନେକ ଅଭିନନ୍ଦନ । ପାୟଲଙ୍କ ଏହି ସଫଳତା ରାଜ୍ୟର ଅଗଣିତ କ୍ରୀଡ଼ାବିତଙ୍କ ପାଇଁ ଏକ ବଡ଼ ପ୍ରେରଣା । ତାଙ୍କର ଏହି ବିଜୟ ଯାତ୍ରା ଅବ୍ୟାହତ ରହୁ ଏବଂ ସେ ଆଗାମୀ ଦିନରେ ବିଶ୍ୱକ୍ରୀଡ଼ା ମାନଚିତ୍ରରେ ଓଡ଼ିଶାର ସୁନାମକୁ ଅଧିକ ଉଜ୍ଜ୍ୱଳ କରନ୍ତୁ । ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।''

# ଆର୍‌ଆର୍ ବିପକ୍ଷ ମ୍ୟାଚ୍‌କୁ ଫେରିବେ ପାଣ୍ଡ୍ୟା

ନୂଆଦିଲ୍ଲୀ: ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ଅଧିନାୟକ ହାର୍ଦିକ ପାଣ୍ଡ୍ୟା ଅସୁସ୍ଥ ଯୋଗୁଁ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିପାରି ନଥିଲେ। ୫ ଥରର ଆଇପିଏଲ୍ ବିଜେତା ଏମ୍ଆଇ ମଙ୍ଗଳବାର ଗୁଆହାଟୀରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍‌ରେ ପାଣ୍ଡ୍ୟା ଫେରିବାକୁ ପ୍ରସ୍ତୁତ ଅଛନ୍ତି। ଦିଲ୍ଲୀ ବିପକ୍ଷ ମ୍ୟାଚ୍ ପରେ କିଛି ଦିନ ହେବ ଅଭ୍ୟାସଠୁ ଦୂରେଇ ରହିଥିବା ପାଣ୍ଡ୍ୟା ଦଳ ସହ ଗୁଆହାଟୀ ଯାତ୍ରା କରିଛନ୍ତି। ଗତକାଲି ଟସ୍ ବେଳେ କାମଚଳା ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଥିଲେ ଯେ ପାଣ୍ଡ୍ୟା ସୁସ୍ଥ ନାହାନ୍ତି, ଆଜି ମ୍ୟାଚ୍ ଖେଳିପାରିବେନି।



କିନ୍ତୁ ସୂଚନା ମିଳୁଛି ଯେ ପ୍ରତିଯୋଗିତା ସଂପ୍ରତି ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବାରୁ ଏହି ତାରକା ଅଲ୍‌ରାଉଣ୍ଡରଙ୍କୁ ଅଧିକ ଚାପ ନ ଦେବା ଉଦ୍ଦେଶ୍ୟରେ ଦିଲ୍ଲୀ ବିପକ୍ଷ ମ୍ୟାଚ୍ ଖେଳିବାକୁ ଦଳୀୟ ମ୍ୟାନେଜ୍‌ମେଣ୍ଟ ଚାହି ନଥିଲା। କିନ୍ତୁ ପାଣ୍ଡ୍ୟା ଦିଲ୍ଲୀ ଆସିଥିଲେ ହେଲେ ଅସୁସ୍ଥତା ଯୋଗୁଁ ଦୁଇ ଅଭ୍ୟାସ ଅଧିବେଶନରେ ଭାଗ ନେଇ ନଥିଲେ।

ତାଙ୍କ ଅନୁପସ୍ଥିତିରେ ସୂର୍ଯ୍ୟଙ୍କ ନେତୃତ୍ୱରେ ଏମ୍ଆଇ ଚୂଡାନ୍ତ ଏକାଦଶରେ ଏକାଧିକ ପରିବର୍ତ୍ତନ କରି ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିଥିଲେ ମଧ୍ୟ ପରାଜୟ ବରଣ କରିଥିଲା। ସମୀର ରିଜ୍‌ଭୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦିଲ୍ଲୀ ୧୮.୧ ଓଭରରେ ୧୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ୪ ୱିକେଟ୍ ହରାଇ ହାସଲ କରି ନେଇଥିଲା।

# ରୋମାଞ୍ଚକ ମ୍ୟାଚରେ ଗୁଜରାଟକୁ ହରାଇଲା ରାଜସ୍ଥାନ

## ରାଜସ୍ଥାନ ରୟାଲ୍ସ ୨୧୦/୬, ଗୁଜରାଟ ୨୦୪/୮

## ଜୟସ୍ୱାଲ ଓ ଜୁରେଲଙ୍କ ବିଧ୍ୱଂସୀ ବ୍ୟାଟିଂ

ନୂଆଦିଲ୍ଲୀ,୫।୪: ରାଜସ୍ଥାନର ରୋମାଞ୍ଚକ ବିଜୟ । ୬ ରନରେ ଜିତିଲା ରାଜସ୍ଥାନ ରୟାଲ୍ସ । ଗୁଜୁରାଟର ଦ୍ୱିତୀୟ ପରାଜୟ । ସାଇ ସୁଦର୍ଶନଙ୍କ ଲଢୁଆ ଅର୍ଦ୍ଧଶତକ ଏବଂ ରସିଦଙ୍କ କମାଲ ବ୍ୟାଟିଂ ପରେ ମଧ୍ୟ ପରାଜୟର ସ୍ୱାଦ ଚାଖିଛି ଗୁଜୁରାଟ । ଅନ୍ତିମ ଓଭରରେ ନାଟକୀୟ ବିଜୟ ହାସଲ କରିଛି ରାଜସ୍ଥାନ । ୨୧୧ ରନର ଲକ୍ଷ୍ୟ ରହିଥିବାବେଳେ ଗୁଜୁରାଟ ୮ ୱିକେଟରେ ୨୦୪ ରନ କରିବାରେ ସକ୍ଷମ ହୋଇଛି । ରାଜସ୍ଥାନ ପକ୍ଷରୁ ରବି ବିଷ୍ଣୋଇ ୪ ୱିକେଟ ଅକ୍ତିଆର କରିଛନ୍ତି। ଦଳକୁ ବିଜୟ ବିଜୟ ଦେବାର ମୁଖ୍ୟ ହିରୋ ପାଲଟିଥିଲେ ।

ଗୁଜୁରାଟ ପକ୍ଷରୁ ସାଇ ସୁଦର୍ଶନ ୪୪ ବଲରୁ ୭୩ ରନର ପାଳି ଖେଳିଥିବାବେଳେ ରସିଦ ଖାନ ୧୬ ବଲରୁ ୨୪ ରନ କରିଥିଲେ । ଜସ ବଟଲର ୨୬, କୁସଗ୍ର ୧୮ ରନର କରିଛନ୍ତି । ଶେଷ ସମୟରେ ରାବାଡା ୧୬ ବଲରୁ ୨୩ ରନ କରିଥିଲେ ସୁଦ୍ଧା ଦଳକୁ ବିଜୟୀ କରାଇପାରିନଥିଲେ । ସେପଟେ ରାଜସ୍ଥାନ ପକ୍ଷରୁ ବର୍ଗର, ତୁଷାର ଦେଶପାଣ୍ଡେ ଏବଂ ପରାଗ ଗୋଟିଏ ଲେଖାଏଁ ୱିକେଟ ନେବାରେ ସଫଳ ହୋଇଛନ୍ତି ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା ରାଜସ୍ଥାନ ।୬ ୱିକେଟ୍ ବିନିମୟରେ ରାଜସ୍ଥାନ ସଂଗ୍ରହ ୨୧୦ ରନକରିଥିଲା। ରାଜସ୍ଥାନ ପକ୍ଷରୁ ଜୟସ୍ୱାଲ ଏବଂ ଜୁରେଲ ଅର୍ଦ୍ଧଶତକୀୟ ପାଳିଖେଳିଥିଲେ । ଜୟସ୍ୱାଲ ୩୬ ବଲରୁ ୫୫ ରନ୍ କରିଥିବାବେଳେ ଧ୍ରୁବ୍ ଜୁରେଲ ୪୨ ବଲରୁ ୭୫ ରନ କରିଛନ୍ତି । ସେପଟେ ଗୁଜୁରାଟ ପକ୍ଷରୁ ରାବାଡା ୨ ୱିକେଟ୍ ନେବାରେ ସଫଳ ହୋଇଥିଲେ ।ଦଳର ଦୁଇ ଯୁବ ଓପନର ଜୟସ୍ୱାଲ ଏବଂ ସୂର୍ଯ୍ୟବଂଶୀ ଦମଦାର ପାଳି ଆରମ୍ଭ କରିଥିଲେ । ଏହି ଯୋଡ଼ି ୬ ଓଭରର ପାୱାର ପ୍ଲେରେ ୬୯ ରନ୍ କରିଥିଲେ । ମାତ୍ର ପାୱାର ପ୍ଲେ' ପରେ ୧୮ ବଲରୁ ୩୧ ର୍ କରି ଆଉଟ୍ ହୋଇଥିଲେ ସୂର୍ଯ୍ୟବଂଶୀ । କିନ୍ତୁ ଆକ୍ରମଣାତ୍ମକ ଢ଼ଙ୍ଗରେ ବ୍ୟାଟିଂ ଜାରି ରଖିଥିଲେ ଜୟସ୍ୱାଲ । ସେ ଅର୍ଦ୍ଧଶତକୀୟ ପାଳି ଖେଳିବାରେ ସଫଳ ହୋଇଛନ୍ତି । ଦଳର ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଅଧିନାୟକ ପରାଗ ୮, ହେଟମାୟାର ୧୮ ରନ କରିବାରେ ସକ୍ଷମ ହୋଇଥିଲେ ।



# ଆହତ ସମସ୍ୟାରେ ଶୁବମନ ଗିଲ୍

ନୂଆଦିଲ୍ଲୀ,୫ ।୪: ଶୁବମନ ଗିଲ ଶନିବାର ଅହମଦାବାଦରେ ଗୁଜରାଟ ଟାଇଟାନ୍ସ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଅନୁଷ୍ଠିତ ଆଇପିଏଲ ୨୦୨୬ର ୯ମ ମ୍ୟାଚ୍ ଖେଳିପାରି ନଥିଲେ। ତାଙ୍କ ଅନୁପସ୍ଥିତିରେ ରଶିଦ ଖାନ ଦଳର ଦାୟିତ୍ୱ ନେଇଥିଲେ। ଟସ ସମୟରେ ରଶିଦ ପ୍ରକାଶ କରିଥିଲେ ଯେ ଗିଲ ମାଂସପେଶୀ ଷ୍ଟ୍ରେନରେ ପୀଡିତ ଥିଲେ, ଯାହା କାରଣରୁ ସେ ମ୍ୟାଚ୍ ବାହାରେ ବସିଥିଲେ। କୁମାର କୁଶାଗ୍ର ତାଙ୍କ ସ୍ଥାନ ନେବା ପାଇଁ ଗୁଜରାଟ ପାଇଁ ଡେବ୍ୟୁ କରିଥିଲେ ।ଗିଲଙ୍କ ଅନୁପସ୍ଥିତି ଗୁଜରାଟ ପାଇଁ ଏକ ଶକ୍ତ ଧକ୍କା ପ୍ରମାଣିତ ହୋଇଥିଲା। ଦଳ ୨୧୧ ରନର ଟାର୍ଗେଟକୁ ପିଛା କରିବାରେ ବିଫଳ ହୋଇଥିଲା ଏବଂ ସିଜିନର ଦ୍ୱିତୀୟ ପରାଜୟ ବରଣ କରିଥିଲା। ଗୁଜରାଟ ଟାଇଟାନ୍ସର ପରବର୍ତ୍ତୀ ମ୍ୟାଚ୍ ଏପ୍ରିଲ ୮ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଅନୁଷ୍ଠିତ ହେବ।



ଗୁଜୁରାଟ ଟାଇଟାନ୍ସର ସହାୟକ ପ୍ରଶିକ୍ଷକ ପାର୍ଥିବ ପଟେଲ ଗିଲଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଏକ ଅପଡେଟ ପ୍ରଦାନ କରିଛନ୍ତି। ପାର୍ଥିବ ପଟେଲ କହିଛନ୍ତି, 'ନଭେମ୍ବର ୨୦୨୫ରେ ଭାରତ ବନାମ ଦକ୍ଷିଣ ଆଫ୍ରିକା ଟେଷ୍ଟ ମ୍ୟାଚ୍ ସମୟରେ ଗିଲଙ୍କ ବେକରେ ଯନ୍ତ୍ରଣା ହୋଇଥିଲା ଏବଂ କିଛି ଦିନ ପୂର୍ବରୁ ସେ ପୁଣି ଥରେ କଷ୍ଟ ଅନୁଭବ କରିଥିଲେ। ଆମେ ଆଶା କରୁଛୁ ଯେ ସେ ପରବର୍ତ୍ତୀ ମ୍ୟାଚ୍ ପାଇଁ ଫିଟ ହୋଇଯିବେ। ଆଘାତ ବହୁତ ଗୁରୁତର ମନେ ହେଉନାହିଁ। ମୁଁ ଆଘାତ ପରିଚାଳନାର ବିଶେଷଜ୍ଞ ନୁହେଁ, କିନ୍ତୁ ମୁଁ ଆପଣଙ୍କୁ ନିଶ୍ଚିତ କରିପାରେ ଯେ ସେ ସୁସ୍ଥ ହୋଇଯିବେ।'

ଆଇପିଏଲ ୨୦୨୬ରେ ଗୁଜରାଟ ଟାଇଟାନ୍ସର ପ୍ରଦର୍ଶନ ଏପର୍ଯ୍ୟନ୍ତ ଦୁର୍ବଳ ରହିଛି। ଦଳ ଦୁଇଟି ମ୍ୟାଚ୍ ଖେଳିଛି ଏବଂ ଉଭୟରେ ପରାଜୟର ସମ୍ମୁଖୀନ ହୋଇଛି। ସେମାନଙ୍କର ପ୍ରଥମ ମ୍ୟାଚ୍‌ରେ, ଗୁଜରାଟ ପଞ୍ଜାବ କିଙ୍ଗ୍ସ ହାତରେ ୩ ୱିକେଟ ପରାସ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ, ଶନିବାର, ରାଜସ୍ଥାନ ରୟାଲ୍ସ ଏକ କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍‌ରେ ଗୁଜରାଟକୁ ୬ ରନରେ ପରାସ୍ତ କରିଥିଲା ।ଶେଷ ଓଭରରେ, ଗୁଜରାଟକୁ ଜିତିବା ପାଇଁ ୧୧ ରନ ଆବଶ୍ୟକ ଥିଲା। ତଥାପି, ତୁଷାର ଦେଶପାଣ୍ଡେ ଗୁଜରାଟକୁ କେବଳ ୪ ରନରେ ସୀମିତ ରଖିଥିଲେ। ବୁଧବାର, ଗୁଜରାଟ ପୁନରାଗମନ କରିବାକୁ ଚେଷ୍ଟା କରିବ। ଏହି ମ୍ୟାଚ୍ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯିବ।

ଏଏଫ୍‌ସି ଏସିଆନ୍ କପ୍

# ଭାରତକୁ ହରାଇଲା ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ,୫ ।୪: ଇ ଏଏଫ୍‌ସି ୨୦ବର୍ଷରୁ କମ୍ ଏସିଆନ୍ କପ୍ ଫୁଟ୍‌ବଲ୍‌ରେ ଭାରତ ରବିବାର ଲଜ୍ଜାଜନକ ପରାଜୟ ବରଣ କରିଛି। ଅଷ୍ଟ୍ରେଲିଆଠାରୁ ଏକତରଫା ଭାବେ ୦-୫ ଗୋଲ୍‌ରେ ପରାସ୍ତ ହୋଇଛି। ସ୍କାଏ ହଲମାରିକ୍ ବ୍ୟକ୍ତିଗତ ଭାବେ ହ୍ୟାଟ୍ରିକ୍ ଗୋଲ୍ ଦେଇ ଅଷ୍ଟ୍ରେଲିଆକୁ ଏହି ବଡ ବିଜୟ ଉପହାର ଦେଇଥିଲେ। ଭାରତୀୟ ଦଳର ଗୋଲ୍‌ରକ୍ଷକ



ମୋନାଲିସା ଦେବୀ କଙ୍ଗାରୁ ଦଳର ଏକାଧିକ ପ୍ରୟାସକୁ ବିଫଳ କରିଥିଲେ। ହେଲେ ଭାରତର ଦୁର୍ବଳ ରକ୍ଷଣଭାଗରୁ ଫାଇଦା ନେଇ ଏହି ଦଳ ୫ଟି ଗୋଲ୍ ଲଦିବାକୁ ସକ୍ଷମ ହୋଇଥିଲା। ଅନ୍ୟପକ୍ଷରେ ଭାରତୀୟ ଦଳ ପାଖରେ ୫୮ ମିନିଟ୍‌ରେ ଗୋଲ୍ ଖାତା ଖୋଲିବାର ସୁବର୍ଣ୍ଣ ସୁଯୋଗ ଦେଇଥିଲେ ମଧ୍ୟ ତାଳମେଳ ଓ ସମନ୍ୱୟର ଅଭାବ ପାଇଁ ଦଳ ଏହାକୁ ବେକାର ଯିବାକୁ ଦେଇଥିଲା। ଏହି ପରାଜୟ ସତ୍ତ୍ୱେ ଭାରତ ପାଖରେ ଏବେବି ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବାର ସୁଯୋଗ ରହିଛି। ପରବର୍ତ୍ତୀ ମ୍ୟାଚ୍‌ରେ ଚାଇନିଜ୍ ତାଇପେଇକୁ ହରାଇ ପାରିଲେ ଭାରତ ନକ୍‌ଆଉଟ୍ ପର୍ଯ୍ୟାୟ ଖେଳିବା ଲାଗି ଟିକେଟ ହାସଲ କରିନେବ ।

# ଚର୍ଚ୍ଚାରେ ପରାଗଙ୍କ ସେଲିବ୍ରେଶନ

ନୂଆଦିଲ୍ଲୀ,୫ ।୪: ଇଣ୍ଡିଆନ ପ୍ରିମିୟର ଲିଗର ନୂଆ ସିଜିନରେ ଜଣେ ନୂତନ ପୂର୍ଣ୍ଣକାଳୀନ ଅଧିନାୟକଙ୍କ ସହିତ ପ୍ରବେଶ କରି, ରାଜସ୍ଥାନ ରୟାଲ୍ସ କ୍ରିକେଟର ଏକ ଚମତ୍କାର ପ୍ରଦର୍ଶନ କରିଛି। ଲଗାତାର ଦୁଇଟି ମ୍ୟାଚ୍ ଜିତିବା ପରେ, ଦଳ ବର୍ତ୍ତମାନ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଶେଷ କିଛି ଓଭରରେ କାର୍ଯ୍ୟକାରୀ ହୋଇଥିବା କୌଶଳଗତ ବୋଲିଂ ପରିବର୍ତ୍ତନ ଅଧିନାୟକ ରିୟାନ ପରାଗ ମ୍ୟାଚ୍‌କୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲେ। ବିଜୟ ପରେ ତାଙ୍କର ସେଲିବ୍ରେଶନର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହା ଆକ୍ରମଣାତ୍ମକ ପ୍ରଦର୍ଶନ କରେ, ତଥାପି ଏହା ଉଲ୍ଲେଖନୀୟ ଭାବରେ ସନ୍ତୁଳିତ – ଏହା ଏକ ସ୍ପଷ୍ଟ ସୂଚକ ଯେ ଏହି ଖେଳାଳି ଏବେ ପରିପକ୍ୱତାର ସ୍ତରକୁ ପହଞ୍ଚିଛନ୍ତି।

ଅହମଦାବାଦରେ ମୋଟ ୨୧୧ ରନର ରକ୍ଷା କରି, ରିୟାନ ପରାଗଙ୍କ ଚମତ୍କାର ଅଧିନାୟକତ୍ୱ ଯୋଗୁ ରୟାଲ୍ସ ପରାଜୟର ମୁଖରୁ ବିଜୟ ଛଡ଼ାଇ ଆଣିବାରେ ସଫଳ ହୋଇଥିଲା। ରଶିଦ ଖାନ ଏବଂ କାଗିସୋ ରାବାଡା ମ୍ୟାଚ୍‌ର ଗତି ବଦଳାଇ ଦେଇଥିଲେ; ଉଭୟ ପ୍ରାୟ ୨୦୦ ଷ୍ଟ୍ରାଇକ ରେଟରେ ବ୍ୟାଟିଂ କରିଥିଲେ, ଯାହା ଗୁଜରାଟ ଟାଇଟାନ୍ସକୁ ପ୍ରତିଯୋଗିତାରେ ଫେରାଇ ଆଣିଥିଲା। ଶେଷ ୧୨ ବଲରେ ମାତ୍ର ୧୫ ରନ ଆବଶ୍ୟକ ଥିବା ବେଳେ, ରିୟାନ ମ୍ୟାଚ୍‌କୁ ବଞ୍ଚାଇବା ପାଇଁ ଚତୁର ବିଚାର ପ୍ରଦର୍ଶନ କରିଥିଲେ। ସେ ୧୯ତମ ଓଭର ଜୋଫ୍ରା ଆର୍ଚରଙ୍କୁ ଦେଇଥିଲେ ଏବଂ ଶେଷ ଛଅଟି ବଲ ପକାଇବା ପାଇଁ ତୁଷାର ଦେଶପାଣ୍ଡେଙ୍କ ଉପରେ ଭରସା ରଖିଥିଲେ। ଆର୍ଚରଙ୍କ ଓଭର କେବଳ ଚାରି ରନ ଦେଇଥିଲା; ଅତି ଦ୍ରୁତ ଗତି ଏବଂ ସଠିକ୍ ଲେନ୍ଥ ବ୍ୟବହାର କରି, ସେ ଉଭୟ ବ୍ୟାଟସମ୍ୟାନଙ୍କୁ ପ୍ରଭାବଶାଳୀ ଭାବରେ ବାନ୍ଧି ରଖିଥିଲେ। ରଶିଦ ଏବଂ ରାବାଡା କେବଳ ସିଙ୍ଗଲ୍ସ ପରିଚାଳନା କରିପାରିଥିଲେ, ଗୋଟିଏ ବାଉଣ୍ଡରୀ ମାରିବାରେ ବିଫଳ ହୋଇଥିଲେ। ଶେଷ ଓଭରରେ ପ୍ରତିରକ୍ଷା ପାଇଁ ୧୧ ରନ ଥିବା ବେଳେ, ଦେଶପାଣ୍ଡେ ଚାପରେ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ସ୍ଥିର ୟର୍କର ଲାଇନ ବୋଲିଂ କରିଥିଲେ, କେବଳ ପାଞ୍ଚ ରନ ଦେଇଥିଲେ ଏବଂ ରଶିଦଙ୍କ ୱିକେଟ ମଧ୍ୟ ଦାବି କରିଥିଲେ। ରୟାଲ୍ସ ଏକ ମ୍ୟାଚ୍‌ରେ ଛଅ ରନର ବିଜୟ ହାସଲ କରିଥିଲା ଯାହା କିଛି ସମୟ ପାଇଁ ଖସିଯାଉଥିଲା।

ରାଜସ୍ଥାନ ରୟାଲ୍ସ ଏକ ଦମଦାର ମୁକାବିଲାରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଥିଲା। ଅଧିନାୟକ ରିୟାନ ପରାଗଙ୍କ ସେଲିବ୍ରେଶନ ଦେଖିବା ଭଳି ଥିଲା; ସେ ନିଶ୍ଚିତ ଭାବରେ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ ମଧ୍ୟ, ସବୁକିଛି ସୀମା ମଧ୍ୟରେ ରହିଥିଲା। ରଶିଦ ଖାନଙ୍କ ୱିକେଟ ପଡ଼ିବା ମୁହୂର୍ତ୍ତରେ, ସେ ତାଙ୍କର ଟୋପି କାଢ଼ି ବିଜୟରେ ଆକାଶକୁ ଅନାଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେ କୌଣସି ଅପମାନଜନକ ଶବ୍ଦ କହି ନଥିଲେ କିମ୍ବା ତାଙ୍କ ଟୋପିକୁ ମାଟିରେ ଫିଙ୍ଗି ନଥିଲେ। ତାଙ୍କର ଜୋସ୍ ଅସୀମ ଥିଲା, ତଥାପି ତାଙ୍କର ହୋସ୍ ସମାନ ଭାବରେ ସ୍ପଷ୍ଟ ଥିଲା। ବିଜୟ ପରେ, ସେ ତୁଷାରଙ୍କ ପାଖକୁ ଗଲେ – ଯିଏ ଅନ୍ତିମ ଓଭର ଦେଇଥିଲେ – ଏବଂ ତାଙ୍କୁ ଆଲିଙ୍ଗନ କଲେ। ଆପଣ ଭିଡିଓଟିକୁ ଯେତେଥର ଦେଖନ୍ତି, ଆପଣଙ୍କୁ ପୁଣି ଥରେ ଦେଖିବାକୁ ଇଚ୍ଛା ହେଉଥିବ ନିଶ୍ଚୟ।

# ସେମିରେ ଗ୍ରିନ୍ସ-ରେଡ୍ ଷ୍ଟାର୍, ପାରାମାଉଣ୍ଟ-ଆଇଆଇସି

ଭୁବନେଶ୍ୱର,୫।୪: ହାଇଟେକ୍ ମେଡିକାଲ୍ କଲେଜ୍ ଗ୍ରାଉଣ୍ଡରେ ଚାଲିଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲ୍ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି । ମଙ୍ଗଳବାର ପ୍ରଥମ ସେମିଫାଇନାଲ୍‌ରେ ଗ୍ରିନ୍ସ କ୍ରିକେଟ୍ ଏକାଡେମୀ ଭେଟିବ ରେଡ୍ ଷ୍ଟାର୍ ଦଳକୁ । ବୁଧବାର ଦ୍ୱିତୀୟ ସେମିଫାଇନାଲ୍ ଖେଳାଯିବ ପାରାମାଉଣ୍ଟ ସ୍ପୋର୍ଟିଂ ଓ ଆଇଆଇସି ମଧ୍ୟରେ ।

ରବିବାର ଖେଳାଯାଇଥିବା ଚତୁର୍ଥ କ୍ୱାର୍ଟରଫାଇନାଲ୍‌ରେ ଆଇଆଇସି (ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍) ଦଳ ୫ ୱିକେଟ୍‌ରେ ବିବିସିଏ (ଭାରତ ଭୂଷଣ କ୍ରିକେଟ୍ ଏକାଡେମୀ)କୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରିଥିବା ବିବିସିଏ ଦଳ ୩୦ ଓଭରରେ ୮ ୱିକେଟ୍ ହରାଇ ୧୭୧ ରନ୍ କରିଥିଲା । ଆଦର୍ଶ ଦାଶ ୪୧ ଓ ସ୍ୱରିତ ଦାସ ୩୦ ରନ୍ କରିଥିଲେ । ପ୍ରତିପକ୍ଷର ଆଶୁତୋଷ ଯାଦବ ୩ ୱିକେଟ୍ ଅକ୍ତିଆର କରିଥିଲେ । ଜବାବରେ ଆଇଆଇସି ଦଳ ୫ ୱିକେଟ୍ ହରାଇ ୧୭୩ ରନ୍ ସଂଗ୍ରହ କରି ନେଇଥିଲା । ଜୟନ୍ତ ମହାନ୍ତି ୫୪ ରନ୍, ଆଶୁତୋଷ ଯାଦବ ୪୧ ରନ୍ ସଂଗ୍ରହ କରିଥିବାବେଳେ ପ୍ରତିପକ୍ଷର ଆଦିତ୍ୟ ପଟ୍ଟନାୟକ ୩ ୱିକେଟ୍ ଅକ୍ତିଆର କରିଥିଲେ । ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଆଶୁତୋଷଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ଜାତୀୟ ସ୍ତରର ଫୁଟ୍‌ବଲ୍ ରେଫରି ଜିତେନ୍ଦ୍ର କୁମାର ସାମନ୍ତସିଂହାର ଓ ପୂର୍ବତନ କ୍ରିକେଟର୍ ସଂଜୟ ଶତପଥୀ ।




Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ